# ଅନୁସ୍ୱାର

The Anuswaar
Monthly e-Magazine
Vol - 1/Issue-VII
March -2026

## ମାସିକ ଇ-ପତ୍ରିକା

ମାର୍ଚ୍ଚ-୨୦୨୬



ଲୋକ କବିରତ୍ନ ହଳଧର ନାଗ
ଜନ୍ମ : ୩୧ ମାର୍ଚ୍ଚ ୧୯୫୦

ସମ୍ପାଦନା : ସରୋଜ କୁମାର ଶତପଥୀ

Publisher :
Newtra Creations, Bhubaneswar

Contact Us : +91 9937128547 / Email : anuswaar.emagazine@gmail.com / Website : www.anuswaar.com

# ଅନୁସ୍ୱାର

ମାସିକ ଇ-ପତ୍ରିକା

ପ୍ରଥମ ବର୍ଷ, ସପ୍ତମ ସଂଖ୍ୟା, ମାର୍ଚ୍ଚ ୨୦୨୬

ସମ୍ପାଦନା: ସରୋଜ କୁମାର ଶତପଥୀ

ପ୍ରକାଶକ: ନ୍ୟୁଟ୍ରା କ୍ରିଏସନ୍ସ
ପ୍ଲଟ୍ ନଂ-୫, ଜୟଦେବ ନଗର,
ଭୁବନେଶ୍ୱର-୭୫୧୦୦୨

ଯୋଗାଯୋଗ:
ମୋ: +୯୧ ୯୯୩୭୧୨୮୫୪୭

Vol. - I, Issue-VII,March-2026
Editing :Saroj Kumar Satpathy
Publisher: Newtra Creations,Plot no-5, Jayadev Nagar,Bhubaneswar - 751002
Mob :+91 9937128547/e-mail : editor.anuswaar@gmail.com/
website : www.anuswaar.com/ www.newtracreations.com

# ଆମ ପୃଷ୍ଠପୋଷକ



ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡଙ୍ଗୀ



ଛନ୍ଦା ମିଶ୍ର



ବସନ୍ତ କୁମାର ଦାସ



ପ୍ରଫେସର ଅଭୟ ବେହେରା



ପ୍ରତିମା ମିଶ୍ର



ମନୋରମା ପଣ୍ଡା



ବିନୋଦିନୀ ଗଉଡ଼



ଅପରାଜିତା



ଗୀତା ପଟ୍ଟନାୟକ



ପ୍ରତିତୀ ମହାନ୍ତି



ମୌସୁମୀ ମିଶ୍ର



ଶରତ କୁମାରୀ ମିଶ୍ର



ଅନୁସୟା ବାରିକ



କମଳିନୀ ଦେବୀ



ରାଧାରାଣୀ ପଟ୍ଟନାୟକ



ପ୍ରଫେସର ବୀଣାପାଣି ତ୍ରିପାଠୀ


ଶୋଭାମୟୀ ପଣ୍ଡା


ମଧୁସ୍ମିତା ମହାପାତ୍ର


ଅନୀତା ମିଶ୍ର


ଶୁଭଶ୍ରୀ ସିଂ


ନିହାରୀକା ରାୟ ବରାଳ


ସରୋଜଲକ୍ଷ୍ମୀ ମହାନ୍ତି


ଶ୍ରୀମତୀ ହରପ୍ରିୟା ପଣ୍ଡା


ସୁବ୍ରତା ମିଶ୍ର


ଭୁବନେଶ୍ୱର ବିଶି


ଅଜୟ କୁମାର ସେଠୀ


ସଚ୍ଚିଦାନନ୍ଦ ବସ୍ତିଆ




ଶମ୍ଭୁନାଥ ରାଉଳ


ବୀରେଶ୍ୱର ମହାନ୍ତି


ଅସୀମା ରାୟ ଖୁଣ୍ଟିଆ


ରୀତା ମିଶ୍ର


ଆଶାଲତା ପାଣ୍ଡବ


ଦମୟନ୍ତୀ ଷଡ଼ଙ୍ଗୀ


ବୀଣାପାଣି ସାହୁ


ମନୋରମା ମିଶ୍ର



# ନିବେଦନ

ପ୍ରିୟ ସୃଜନଶୀଳ ସ୍ରଷ୍ଟାଙ୍କୁ ବିନମ୍ର ପ୍ରଣାମ।

ଜାଣି ଖୁସି ହେବେ ଆମ ପ୍ରିୟ ମାସିକ ଡିଜିଟାଲ ସାହିତ୍ୟ ପତ୍ରିକା 'ଅନୁସ୍ୱାର'ର ଶୁଭ ଲୋକାର୍ପଣ ଗତ ୨୨.୦୫.୨୦୨୫ ତାରିଖରେ ବରେଣ୍ୟ ଅତିଥିମାନଙ୍କ କରକମଳରେ ପ୍ରିୟ ପାଠକ/ପାଠିକା ତଥା ଆପଣମାନଙ୍କ(ଲେଖକ/ଲେଖିକା) ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି ଏବଂ ଗତ ୧୯.୦୮.୨୦୨୫ ତାରିଖରେ ପତ୍ରିକାର ୱେବ୍ ସାଇଟ୍ www.anuswaar.com ମଧ୍ୟ ଲୋକାର୍ପିତ ହୋଇଛି। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା ଆମେ ଏଭଳି ଏକ ପ୍ଲାଟ୍‌ଫର୍ମ ସୃଷ୍ଟି କରିବା, ଯେଉଁଥିରେ ଓଡ଼ିଆ ସାହିତ୍ୟକୁ ଭଲପାଉଥିବା ସମସ୍ତ ସୃଜନଶୀଳ ସ୍ରଷ୍ଟା ଓ ପାଠକଙ୍କର ସମନ୍ୱୟରେ ଓଡ଼ିଆ ସାହିତ୍ୟର ବିଶ୍ୱ ସ୍ତରରେ ପ୍ରଚାର ଓ ପ୍ରସାର ସହଜ ହୋଇପାରିବ। ଏହି ପରିପ୍ରେକ୍ଷୀରେ 'ଅନୁସ୍ୱାର', ଆପଣମାନଙ୍କ ବଳିଷ୍ଠ ଲେଖନୀ ଚାଳନା, ଦେଇଥିବା ଅନୁଦାନ ରାଶି ଓ ପ୍ରକାଶକ ସଂସ୍ଥା 'ନ୍ୟୁଟ୍ରା କ୍ରିଏସନ୍'ର ସହଭାଗିତା ତଥା ନିରନ୍ତର ପ୍ରୟାସ ଯୋଗୁଁ ସଇଁତିରିଶି ହଜାର ଚାରିଶହରୁ ଊର୍ଦ୍ଧ୍ୱ ନିୟମିତ ପାଠକ ହାସଲ କରିପାରିଛି। ବର୍ତ୍ତମାନ ସୁଦ୍ଧା ଏକୋଇଶି ଲକ୍ଷରୁ ଊର୍ଦ୍ଧ୍ୱ ଆମ ପୋର୍ଟାଲର views ରହିଛି । ଦିନକୁ ଦିନ 'ଇ-ମ୍ୟାଗାଜିନ୍'ର ଚାହିଦା ବିଶ୍ୱସ୍ତରରେ ବଢ଼ିବାରେ ଲାଗିଛି। ନିଜର user friendly interface ଯୋଗୁ ଏହା ସମଗ୍ର ବିଶ୍ୱରେ ଥିବା ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରୁଛି। ଆମ ପତ୍ରିକା ପାଇଁ କରାଯାଇଥିବା ପୋର୍ଟାଲ ଡିଜାଇନ ଭାରତବର୍ଷରେ ପ୍ରଥମ ଓ କେବଳ ଆମ ପାଖରେ ହିଁ ଅଛି। ଆଜି ଯାଏ ଅନ୍ୟ କୌଣସି ସାହିତ୍ୟ ସଂସଦ କିମ୍ବା ପ୍ରକାଶନୀ ସଂସ୍ଥା ଏଭଳି ବ୍ୟୟ ବହୁଳ ପୋର୍ଟାଲ ତିଆରି କରିନାହାନ୍ତି। କହିବା ବାହୁଲ୍ୟ ଯେ, ଆଜିର ଏଇ ଡିଜିଟାଲ୍ ଯୁଗରେ 'ଇ-ମ୍ୟାଗାଜିନ୍' ପ୍ରତ୍ୟେକଟି ସାହିତ୍ୟପ୍ରେମୀଙ୍କ ପାଖରେ ପହଞ୍ଚିବା ସହିତ ନୂତନ ଯୁବ ପିଢ଼ିର ଲେଖକ/ଲେଖିକାମାନଙ୍କୁ ଓଡ଼ିଆ ସାହିତ୍ୟ ପ୍ରତି ଆକୃଷ୍ଟ କରିବା ତଥା ବିଶ୍ୱ ଦରବାରରେ ସେମାନଙ୍କ ଲେଖାଗୁଡ଼ିକୁ ପହଞ୍ଚାଇବାର ଦାୟିତ୍ୱ ବହନ କରି ନିଜର ନିରନ୍ତର ପ୍ରୟାସ ଜାରି ରଖିଛି।

ଆସନ୍ତୁ, ଆମେ ସମସ୍ତେ 'ଇ-ମ୍ୟାଗାଜିନ୍'ର ଏହି ଯାତ୍ରାରେ ସାମିଲ୍ ହୋଇ 'ଅନୁସ୍ୱାର' ମାସିକ ଇ-ମ୍ୟାଗାଜିନ ବା ଡିଜିଟାଲ ମ୍ୟାଗାଜିନ ମାଧ୍ୟମରେ ଓଡ଼ିଆ ଭାଷା-ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଯଥା ସମ୍ଭବ ପ୍ରୟାସ କରିବା।

ବିନୀତ,
ସମ୍ପାଦକ 'ଅନୁସ୍ୱାର'



**ସମ୍ପାଦକୀୟ...**

# ଲୋକକବିରତ୍ନ ହଳଧର ନାଗ : ଲୋକ ସାହିତ୍ୟର ଏକ ନୂତନ ଦିଗନ୍ତ





ଓଡ଼ିଆ ସାହିତ୍ୟର ବିଶାଳ ଆକାଶରେ ଲୋକକବିରତ୍ନ ପଦ୍ମଶ୍ରୀ ହଳଧର ନାଗ ଏକ ସ୍ୱୟଂପ୍ରଭ ନକ୍ଷତ୍ର ଭାବେ ଉଭା ହୋଇଛନ୍ତି। କୋଶଳୀ ସାହିତ୍ୟର ଏହି ମହାନ ସାଧକ ନିଜର ସରଳ, ନିରାଡ଼ମ୍ବର ଏବଂ ମାଟିର ଭାଷାରେ ଯେଉଁ କାବ୍ୟ ସମ୍ଭାର ସୃଷ୍ଟି କରିଛନ୍ତି, ତାହା କେବଳ ପଶ୍ଚିମ ଓଡ଼ିଶା ନୁହେଁ, ବରଂ ସମଗ୍ର ଓଡ଼ିଆ ସାହିତ୍ୟ ଜଗତକୁ ଏକ ନୂତନ ଦିଗଦର୍ଶନ ଦେଇଛି। ହଳଧର ନାଗଙ୍କ ସାହିତ୍ୟର ସବୁଠାରୁ ବଡ଼ ସମ୍ପଦ ହେଉଛି ଏହାର 'ଲୋକତାତ୍ତ୍ୱିକତା'। ସେ ଶାସ୍ତ୍ରୀୟ ଜଟିଳତା ଅପେକ୍ଷା ଜନସାଧାରଣଙ୍କ ମୁହଁର ବୋଲିକୁ ଶ୍ରେଷ୍ଠ ସ୍ଥାନ ଦେଇ ସାଧାରଣ ମଣିଷର କଥାକୁ ସାହିତ୍ୟର ସିଂହାସନରେ ବସାଇଛନ୍ତି। ତାଙ୍କ କବିତାରେ ବ୍ୟବହୃତ ପ୍ରତିଟି ଶବ୍ଦ ମାଟିର ବାସ୍ନା ବହନ କରେ, ଯାହା ପାଠକ ଓ ଶ୍ରୋତାଙ୍କୁ ଅତି ସହଜରେ ଆତ୍ମୀୟତା ପ୍ରଦାନ କରିଥାଏ। ତାଙ୍କର ଏହି ମୌଳିକ ଶୈଳୀ ଓଡ଼ିଆ ସାହିତ୍ୟର ପରିଧିକୁ ଆହୁରି ବ୍ୟାପକ କରିଛି।

ହଳଧର ନାଗଙ୍କ କାବ୍ୟ ଚେତନାରେ ପୌରାଣିକ ବିଷୟବସ୍ତୁର ଏକ ନିଛକ ଲୋକକରଣ ପ୍ରକ୍ରିୟା (Folkorization or Popular-ization) ଦେଖିବାକୁ ମିଳେ। ତାଙ୍କର 'ଶବରୀ ଶ୍ରଦ୍ଧାଞ୍ଜଳି' ବା 'ସତି ବିହାର' ପରି କୃତିରେ ପୁରାଣର ଚରିତ୍ରମାନେ ଆକାଶରୁ ମାଟିକୁ ଓହ୍ଲାଇ ଆସିଛନ୍ତି। ସେ ପୁରାଣର ଦେବତାଙ୍କୁ କେବଳ ପୂଜାପାଠର ସତ୍ତା ଭାବେ ନଦେଖି, ସେମାନଙ୍କୁ ସାଧାରଣ ମଣିଷର ସୁଖ-ଦୁଃଖ ଓ ସଂଘର୍ଷର ସାଥୀ ଭାବେ ଚିତ୍ରଣ କରିଛନ୍ତି। ଏହା ପ୍ରମାଣ କରେ ଯେ ଲୋକସାହିତ୍ୟ କେବଳ ଅତୀତର ଗାଥା ନୁହେଁ, ବରଂ ଏହା ଏକ ଚଳନ୍ତି ପ୍ରବାହ। ପ୍ରକୃତି ପ୍ରତି ତାଙ୍କର ମମତା ତାଙ୍କ ପ୍ରତିଟି ପଦରେ ପ୍ରତିଫଳିତ। 'ଧଡ଼ୋ ବରଗଛ' ପରି କବିତା ମାଧ୍ୟମରେ ସେ ଗୋଟିଏ ବୃକ୍ଷକୁ ସମୟର ସାକ୍ଷୀ ଭାବେ ଛିଡ଼ା କରି ଯେଉଁ ପରିବେଶ ସଚେତନତାର ବାର୍ତ୍ତା ଦେଇଛନ୍ତି, ତାହା ଆଜିର ଯୁଗରେ ଅତ୍ୟନ୍ତ ପ୍ରାସଙ୍ଗିକ।

ସାମାଜିକ ସଂସ୍କାର ଏବଂ ସାଂସ୍କୃତିକ ଜାଗରଣ କ୍ଷେତ୍ରରେ ହଳଧର ନାଗଙ୍କ ଅବଦାନ ଅତୁଳନୀୟ। ସେ ଶୋଷିତ, ନିଷ୍ପେଷିତ ଏବଂ ଶ୍ରମଜୀବୀ ମଣିଷର ସ୍ୱରକୁ ଶାଣିତ ଭାବେ ଉପସ୍ଥାପନ କରିଛନ୍ତି। ସମାଜର କୁସଂସ୍କାର ଓ ବୈଷମ୍ୟ ବିରୁଦ୍ଧରେ ସେ କୌଣସି ଜଟିଳ ଦର୍ଶନ ନୁହେଁ, ବରଂ ସରଳ ଲୋକାଚାରର ଉଦାହରଣ ଦେଇ ଲୋକଙ୍କୁ ସଚେତନ କରିଛନ୍ତି। ତାଙ୍କ ଯୋଗୁଁ ଆଜି କୋଶଳୀ ସାହିତ୍ୟ ଓଡ଼ିଆ ସାହିତ୍ୟର ଏକ

ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗୃହୀତ ହୋଇଛି। ସେ ପ୍ରମାଣ କରିଛନ୍ତି ଯେ ଆଞ୍ଚଳିକତା କେବେ ବି ସାହିତ୍ୟର ସୀମାକୁ ସଙ୍କୁଚିତ କରେ ନାହିଁ, ବରଂ ଏହା ମୂଳ ସାହିତ୍ୟର କଳେବରକୁ ଅଧିକ ସମୃଦ୍ଧ କରେ। ତାଙ୍କର ଅସାଧାରଣ ସ୍ମୃତିଶକ୍ତି ଏବଂ ମାଟି ପ୍ରତି ଥିବା ନିଷ୍ଠା ତାଙ୍କୁ କେବଳ ଜଣେ କବି ନୁହେଁ, ବରଂ ଏକ ଅନୁଷ୍ଠାନରେ ପରିଣତ କରିଛି।

ଶେଷରେ କହିବାକୁ ଗଲେ, ହଳଧର ନାଗଙ୍କ ଲୋକସାହିତ୍ୟ ହେଉଛି ମାନବିକତାର ଜୟଗାନ। ତାଙ୍କର କୃତିଗୁଡ଼ିକ ଆଜି ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣାର ବିଷୟ ପାଲଟିଛି, ଯାହା ଓଡ଼ିଶାର ସାହିତ୍ୟିକ ଗୌରବକୁ ବିଶ୍ୱ ଦରବାରରେ ବୃଦ୍ଧି କରିଛି। ତାଙ୍କର ନିରନ୍ତର ସାଧନା ଆଗାମୀ ପିଢ଼ିର ଲେଖକମାନଙ୍କୁ ସ୍ୱଦେଶ, ସ୍ୱଭାଷା ଓ ସ୍ୱସଂସ୍କୃତିକୁ ଭଲ ପାଇବା ପାଇଁ ପ୍ରେରଣା ଯୋଗାଉଥିବ। ଲୋକସାହିତ୍ୟର ଏହି ଧାରାକୁ ସେ ଯେଉଁ ଉଚ୍ଚତାକୁ ନେଇଛନ୍ତି, ତାହା ଓଡ଼ିଆ ସାହିତ୍ୟର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ତାଙ୍କର କବିତା କେବଳ କାଗଜ କଲମରେ ସୀମିତ ନୁହେଁ, ତାହା ଜନମାନସର ସ୍ପନ୍ଦନ ହୋଇ ସବୁଦିନ ପାଇଁ ଗୁଞ୍ଜରିତ ହେଉଥିବ।

ଶେଷରେ କବିଙ୍କ ଜନ୍ମଦିନ ଉପଲକ୍ଷେ ତାଙ୍କୁ ଅନୁସ୍ୱାର ମାସିକ ଡିଜିଟାଲ ପତ୍ରିକା ତରଫରୁ ଅଶେଷ ଅଭିନନ୍ଦନ ଜଣାଇବା ସହ ତାଙ୍କର ଲେଖନୀରୁ ନିସୃତ ପ୍ରତିଟି ସୃଷ୍ଟି ଓଡିଆ ଲୋକ ସାହିତ୍ୟ ତଥା କୋଶଳୀ ଭାଷା ସାହିତ୍ୟକୁ ସମୃଦ୍ଧ କରୁଥାଉ । ଏହାହିଁ ମା ସମଲେଇଙ୍କ ନିକଟରେ ପ୍ରାର୍ଥନା।

**ସରୋଜ କୁମାର ଶତପଥୀ**
**ସମ୍ପାଦକ**



# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୦୧. | ସମ୍ପାଦକୀୟ: ଲୋକକବିରତ୍ନ ହଳଧର ନାଗ: ଲୋକସାହିତ୍ୟର ଏକ ନୂତନ ଦିଗନ୍ତ | ସରୋଜ କୁମାର ଶତପଥୀ | ୦୧ |

## ଗଦ୍ୟ ବିଭାଗ

| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୦୨. | ମା ସାରଦା: ରାମକୃଷ୍ଣଙ୍କର ଅଲୌକିକ ଆବିଷ୍କାର | ପ୍ରଫେସର ମଣୀନ୍ଦ୍ର କୁମାର ମେହେର | ୦୬ |
| ୦୩. | ମିଶ୍ରଣ ପର୍ବ | ବିରଞ୍ଚି ମିଶ୍ର | ୦୮ |
| ୦୪. | ଆଜିର ତାଜା ଖବର | ଛନ୍ଦା ମିଶ୍ର | ୦୯ |
| ୦୫. | କଥାରେ କଥାରେ-୧୮ | ମନୋରମା ମିଶ୍ର | ୧୨ |
| ୦୬. | ଲୀଳାମୟଙ୍କ ଲୀଳା | ବିନୋଦିନୀ ଗଉଡ଼ | ୧୩ |
| ୦୭. | ମହତ ଉପାଖ୍ୟାନ | ଶମ୍ଭୁନାଥ ରାଉଳ | ୧୫ |
| ୦୮. | ପଲ୍‌ଟନ୍ | ସୁନନ୍ଦା ମହାନ୍ତି | ୧୮ |
| ୦୯. | ଭିନ୍ନ ଏକ ରାଣୀ ମିଶ୍ରର କାହାଣୀ | ଶ୍ରୀମତୀ ସ୍ନିଗ୍ଧା ଜି. ମହାପାତ୍ର | ୨୦ |
| ୧୦. | ଭୁଲାମନ | ଅଜୟ କୁମାର ମହାନ୍ତି | ୨୨ |
| ୧୧. | ବ୍ରହ୍ମାଙ୍କ ରୁଦ୍ରଶିର ନାମ ଓ ମେଘର ଉତ୍ପତ୍ତି | ପ୍ରତିମା ପାତ୍ର | ୨୩ |
| ୧୨. | ସହାନୁଭୂତି | ଶୁଭଶ୍ରୀ ସିଂ | ୨୬ |
| ୧୩. | ପୂର୍ଣ୍ଣତା | ପ୍ରମୋଦ କୁମାର ରାଉଳ | ୨୭ |

## ପଦ୍ୟ ବିଭାଗ

| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧୪. | ଅନୁସ୍ୱାର | ନୀଳମଣି ଚାନ୍ଦ | ୨୯ |
| ୧୫. | ଭାଷାର୍ ବାନା ଟେକା (କୋଶଲୀ କବିତା) | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୩୦ |
| ୧୬. | ମାମୁଘର ଗାଁ | ଡକ୍ଟର ଅଶୋକ ମହାନ୍ତି | ୩୧ |
| ୧୭. | ଆମ୍ରାଙ୍ଗିନୀ | ପ୍ରଫେସର ବୀଣାପାଣି ତ୍ରିପାଠୀ | ୩୨ |
| ୧୮. | ସମୟର ଭୂଗୋଳ | ଡକ୍ଟର ରଶ୍ମି ଦାଶ | ୩୩ |
| ୧୯. | ଲୋକକବିରତ୍ନଙ୍କୁ ପ୍ରଣାମ | ସରୋଜ ଶତପଥୀ | ୩୪ |
| ୨୦. | ଆକର୍ଷଣ | ଯୋଗେଶ ଚନ୍ଦ୍ର ମିଶ୍ର | ୩୫ |
| ୨୧. | ରଙ୍ଗ ପୀରତି - ୧୮ | ବିଦ୍ୟାଧର ଗୁରୁ | ୩୬ |
| ୨୨. | ଈଶାରା | ବସନ୍ତ କୁମାର ଦାସ | ୩୭ |
| ୨୩. | ତମେ ଭଲପାଅ ବୋଲି | ସଚି ବେହେରା | ୩୮ |
| ୨୪. | ନିଃସଙ୍ଗ ଫାଲ୍‌ଗୁନୀ | ଅପରାଜିତା | ୩୯ |
| ୨୫. | ମଧୁ ମଳୟ | ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ | ୪୦ |
| ୨୬. | ହସ ଭିତରେ ଲୁହର ମୁକୁତା | ଡକ୍ଟର ମନ୍ଦାକିନୀ ପାଢ଼ୀ | ୪୧ |
| ୨୭. | ଷଡ଼ଋତୁ | କମଳିନୀ ଦେବୀ | ୪୨ |
| ୨୮. | ମାଆ | ସବିତା ଶତପଥୀ | ୪୩ |
| ୨୯. | କ'ଣ ଲେଖିବି | ନିହାରିକା ରାୟବରାଳ | ୪୪ |

# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୦. | ରାମନାମ ଗାଇ ଯା'ରେ ମନୁଆ | ଶରତ କୁମାରୀ ମିଶ୍ର | ୪୫ |
| ୩୧. | ଜାଗର | ପ୍ରତିମା ମିଶ୍ର | ୪୬ |
| ୩୨. | ଚଇତାଳି | ସରୋଜଲକ୍ଷ୍ମୀ ମହାନ୍ତି | ୪୭ |
| ୩୩. | ଯମୁନା ତୀରେ | ମଧୁସ୍ମିତା ମହାପାତ୍ର | ୪୮ |
| ୩୪. | କୋଣାର୍କ | ସୁବ୍ରତା ମିଶ୍ର | ୪୯ |
| ୩୫. | ନେଳି କାଗଜ | ସ୍ୱାତି ମହାନ୍ତି | ୫୦ |
| ୩୬. | ତୁମ ସୃଷ୍ଟିର ଶ୍ରେଷ୍ଠ ବରଦାନ | ଡକ୍ଟର ପ୍ରବୀଣା ପରିଡ଼ା | ୫୧ |
| ୩୭. | ଆଃ ! ପଖାଳ | ଦମୟନ୍ତୀ ଷଡ଼ଙ୍ଗୀ | ୫୨ |
| ୩୮. | ହେ ଈଶ୍ୱର | ଶୋଭାମୟୀ ପଣ୍ଡା | ୫୩ |
| ୩୯. | ରୁଷିଛି ଫଗୁଣ | ବୀରେଶ୍ୱର ମହାନ୍ତି | ୫୪ |
| ୪୦. | ମଧୁମୟୀ ଉଷା | ମାନଗୋବିନ୍ଦ ବାରିକ | ୫୫ |
| ୪୧. | ବିଷାଦ ଋତୁ | ଭୁବନେଶ୍ୱର ବିଶି | ୫୬ |
| ୪୨. | ସଂଘର୍ଷ | ଯଜ୍ଞଦତ୍ତ ସାମନ୍ତରାୟ | ୫୭ |
| ୪୩. | ଜଳ ହିଁ ଜୀବନ | ଗୀତାଞ୍ଜଳି ମେହେର | ୫୮ |
| ୪୪. | କୋଇଲି | ପ୍ରଫେସର ପ୍ରତିମା ଷଡ଼ଙ୍ଗୀ | ୫୯ |
| ୪୫. | ଅସ୍ତିତ୍ୱ | ହରପ୍ରିୟା ପଣ୍ଡା | ୬୦ |
| ୪୬. | ଶ୍ରୀରାମ ନବମୀ | ରାଧାରାଣୀ ପଟ୍ଟନାୟକ | ୬୧ |
| ୪୭. | ଆଲୋକିତ କର ପ୍ରଭୁ | ଅସୀମା ରାୟ ଖୁଣ୍ଟିଆ | ୬୨ |
| ୪୮. | ସ୍ମୃତି | ନୀନା ବଳିୟାରସିଂ | ୬୩ |
| ୪୯. | ପ୍ରକୃତ ଜୟ | ଅନୀତା ମିଶ୍ର | ୬୪ |
| ୫୦. | ସମ୍ପର୍କ | ପୁଷ୍ପାଞ୍ଜଳି ପଣ୍ଡା | ୬୫ |
| ୫୧. | ସେ ଏକ ଅସରନ୍ତି କାବ୍ୟ | ମନୋରମା ପଣ୍ଡା | ୬୬ |
| ୫୨. | କବିତା ଗୋ ତୁମେ | ବାସନ୍ତି ବାରିକ୍ | ୬୭ |
| ୫୩. | ଦେବାରେ ନାରୀ | ପ୍ରିୟଦର୍ଶିନୀ ନାୟକ | ୬୮ |
| ୫୪. | ମାତୃ ବିଳାପ | ହେମଲତା ଜେନା | ୬୯ |
| ୫୫. | ବରପୁତ୍ର ତୁମେ ଫକୀରମୋହନ | ଶ୍ରୀମତୀ ବ୍ରଜେଶ୍ୱରୀ ସିଂହ | ୭୦ |

# ଗଦ୍ୟ ବିଭାଗ



# ମା ସାରଦା : ରାମକୃଷ୍ଣଙ୍କ ଅଲୌକିକ ଆବିଷ୍କାର

ପ୍ରଫେସର ମଣୀନ୍ଦ୍ର କୁମାର ମେହେର





ରାମକୃଷ୍ଣ ନିଜେ ହିଁ ସୁସ୍ପଷ୍ଟ ସଂକେତ ଦେଇଥିଲେ ସାରଦା ରହିଛନ୍ତି କେଉଁଠି। ତାଙ୍କରି ସହିତ ବୈବାହିକ ବନ୍ଧନରେ ଆବଦ୍ଧ ହୋଇଛନ୍ତି ସେ ଆନନ୍ଦରେ। ସଂସାର ଜାଣିଲା ଯେ ସେମାନେ ପତିପତ୍ନୀ। ରାମକୃଷ୍ଣ ଜାଣିଥିଲେ ଯେ, ତାଙ୍କ ନିକଟକୁ ଆସୁଛନ୍ତି ଦିବ୍ୟ ଜନନୀ। ଯେତେବେଳେ ରାମକୃଷ୍ଣଙ୍କ ବିବାହ ପାଇଁ ଆତ୍ମୀୟ ସ୍ୱଜନ ତତ୍ପର, ସେତେବେଳେ ରାମକୃଷ୍ଣ ମା କାଳୀଙ୍କୁ କଣ ପଚାରି ନ ଥିବେ ତାଙ୍କର କର୍ତ୍ତବ୍ୟ? ମା କଣ କେବେହେଲେ ରହି ପାରିଥିବେ ନିରୁତ୍ତର? ସବୁ ଘଟିଯାଇଛି ଲୋକଲୋଚନ ଅନ୍ତରାଳରେ ନିଶ୍ଚୟ। ସାରଦା ଯଦି ହୋଇଥାନ୍ତେ ସାଧାରଣ ବାଳିକା ବା ସ୍ତ୍ରୀ ମନନେଇ ବଂଚୁଥିବା ନାରୀଟିଏ ମାତ୍ର, ତାହେଲେ ତାଙ୍କ ବ୍ୟକ୍ତିତ୍ୱ ମଧ୍ୟରୁ ଯେଉଁ ଅସାମାନ୍ୟ ଆଲୋକ କଣିକା ବିଛୁରିତ ହେଉଥିଲା, ତାହା କେବେହେଲେ ସମ୍ଭବ ହୋଇ ପାରିନଥାନ୍ତା। ସେ ପ୍ରତ୍ୟକ୍ଷ ଭାବରେ ପରିଚାଳିତ ହେଉଥିଲେ ମା କାଳୀଙ୍କ ଦ୍ୱାରା। କାରଣ ସେ ଥିଲେ ତାଙ୍କର ହିଁ ଅବିଚ୍ଛେଦ୍ୟ ଅଂଶ।

ଦକ୍ଷିଣେଶ୍ୱରରେ ସତେ କି ଉନ୍ମୁକ୍ତ ହୋଇ ଯାଉଥିଲା ଗୋଟିଏ ପରେ ଗୋଟିଏ ଦୃଶ୍ୟ। ତାହା ସେ ସମୟରେ ମୁଁ ଦେଖି ପାରୁଥିଲି ବୋଲି କହିବି କିପରି? ମୁଁ ନୁହେଁ ମୋ ଭିତରେ ରହିଥିବା ପ୍ରକୃତ ଶକ୍ତି ପ୍ରାପ୍ତ ସତ୍ତାଟି ଦେଖୁଥିଲା ସବୁ ଦୃଶ୍ୟ, ଯାହା ଥିଲା ମୋ ପାଇଁ ଅଜ୍ଞାତ। ପରବର୍ତ୍ତୀ ସମୟରେ ପାଠ କରିଛି ମାଙ୍କ ଜୀବନୀ। କେତେ ଯେ ପ୍ରେରଣାପୂର୍ଣ୍ଣ ବିଷୟ ସେଥିରେ ଗର୍ଭିତ, ତାହା କଣ କେବେହେଲେ କଳ୍ପନା କରିପାରିଥିଲି? ଜାଣେନା ତାଙ୍କ ଫୋଟୋ ଚିତ୍ର ଦେଖିଲେ ମୋ ଜନ୍ମଦାତ୍ରୀ ମା ଙ୍କ ରୂପ ସହିତ ସାମଞ୍ଜସ୍ୟ କାହିଁକି ମୋତେ ତଲ୍ଲୀନ କରିଦିଏ! ବାପା ତାଙ୍କ ପୂଜା ଆସ୍ଥାନରେ ମା କାଳୀଙ୍କ ପ୍ରତିଛବି ରଖି ପୂଜା କରୁଥିଲେ କଣ ପାଇଁ, ତାହା କେବେ ତାଙ୍କୁ ପଚାରିନି। ଜଣିଥିଲି ସେ ରାମକୃଷ୍ଣଙ୍କ ପ୍ରତି ଥିଲେ କି ଗଭୀର ଭାବରେ ସମର୍ପିତ। ବାପାଙ୍କ ଜୀବନର ଶେଷ ମହୂର୍ତ୍ତରେ ଆବିଷ୍କାର କରିଥିଲି ଟୁକୁରା କାଗଜ ଖଣ୍ଡିଏ। ସେଠାରେ ବାପା,ମାଙ୍କ ବିଷୟ

ବର୍ଣ୍ଣନା କରିଛନ୍ତି। ଚାରି ପାଞ୍ଚ ଧାଡିରେ ମାତ୍ର ମାଙ୍କ ଚରିତ୍ରର ତ୍ୟାଗଦୀପ୍ତ ଦିଗ ସମ୍ପର୍କରେ ବର୍ଣ୍ଣନା କରି ସାରି ଲେଖିଛନ୍ତି 'ସେ ମୋର ମା କି? '

ମା କାଳୀ, ରାମକୃଷ୍ଣ ପରମହଂସ, ମା ସାରଦା ଦେବୀ -ସମସ୍ତେ କେଉଁଠି ରହନ୍ତି ତାହା ପୁନଃ ପୁନଃ ଅନୁଭବ କରିବାକୁ କେତେ ସୁଯୋଗ ପ୍ରାପ୍ତ ନ ହୋଇଛି ମୋତେ!!

ବହୁ ସମୟରେ ନିଜ ଅହଂକାର ପାଇଁ କେତେ ଅଶାନ୍ତି, କେତେ କଷ୍ଟ ନ ଭୋଗିଛି!!ଏବେ ବି ଭୋଗି ଚାଲିଛି। ତେବେ ମା ସାରଦା ସତେ ଯେମିତି ମୋତେ ହିଁ ଲକ୍ଷ୍ୟ କରି କହିଛନ୍ତି : ଯଦି ଶାନ୍ତି ପାଇବାକୁ ଚାହୁଁ ନିଜର ଦୋଷ ଦେଖିବା ଅଭ୍ୟାସ କର।'ଏକଥା ମନେ ପଡେ ବାରମ୍ବାର। ମାତ୍ର ଅହମିକାରେ ମୁଁ ଏତେ ଉନ୍ମତ୍ତ ଯେ ତାହାକୁ ପ୍ରୟୋଗ କରିପାରେ ନାହିଁ, ଠିକ ସମୟରେ। ନିଜ ଦୋଷ ଦେଖିପାରିବାର ଯେଉଁ ଆନ୍ତରିକ ନମ୍ରତା ପ୍ରୟୋଜନ ତାହା ଲାଭ କରିବାକୁ ଲାଗିବ କେତେ ଜନ୍ମ? ମା ସାରଦାଙ୍କ ପ୍ରତି କିଂଚିତ ଉନ୍ମୁଖତା ଯଦି କେବେ ପ୍ରକାଶ କରିଛି, ତାଙ୍କର ଏହି ପଦକ କଥା ହିଁ ମନେ ପଡିଛି ବାରମ୍ବାର। ଅର୍ଥାତ ଦକ୍ଷିଣେଶ୍ୱରଠାରେ ତାଙ୍କୁ ଅନୁଭବ କରୁଥିଲା ମୋର ଯେଉଁ ଅନ୍ତଃସତ୍ତା ତାହାକୁ ହିଁ ମା ଦେଇଛନ୍ତି ନିର୍ଦ୍ଦେଶ ଉକ୍ତ ବାଣୀଟିକୁ ଠିକଣା ସମୟରେ ମନେ ପକାଇଦେବା ନିମିତ୍ତ। ଦକ୍ଷିଣେଶ୍ୱର ମନ୍ଦିର ପରିସରରେ ଧ୍ୟାନରତ ରହିଲେ ସୁଦ୍ଧା ଶୁଣାଯାଏ ନାହିଁ ତାଙ୍କ ପାଦଶବ୍ଦ। ଏତେ ଧୀର ନମ୍ର ପଦପାତର ଚିହ୍ନ ଧରି ରଖିଥିବେ ଧରିତ୍ରୀ ମାତା ଏକାନ୍ତ ଅନୁରାଗର ସହ। ତାଙ୍କ ମୃଦୁ ମଧୁର ଆଳାପର ଶବ୍ଦ ବି କି କ୍ଷୀଣ!! ଦିବ୍ୟ ମାତୃତ୍ୱର ପ୍ରାଣବନ୍ତ ପ୍ରକାଶ ଅବିଚଳିତ ମୃଣ୍ମୟ ପ୍ରତିମା ଠାରୁ ବି ହୋଇ ପାରନ୍ତି କି ଶାନ୍ତ, ଶୀତଳ, ବିନୀତ ତାହା ଅଚିନ୍ତନୀୟ।

ଗଙ୍ଗାଧର-ଶାନ୍ତା-ସଦନ
କଳିଙ୍ଗ ବିହାର, ଭୁବନେଶ୍ୱର
ମୋ -୯୯୩୭୩୬୫୬୯୮



# ମିଶ୍ରଣ ପର୍ବ

ବିରଞ୍ଚି ମିଶ୍ର






ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ଏକ ପ୍ରଶ୍ନ ଥିଲା, "ଭାରତର ପର୍ବ ପର୍ବାଣୀ ମଧ୍ୟରୁ କୌଣସି ଏକ ମୁଖ୍ୟ ପର୍ବର ସମ୍ୟକ୍ ସୂଚନା ଦିଅ ।"

ଜଣେ ପିଲା ଲେଖିଲା,

"ଭାରତରେ 'ମିଶ୍ରଣ ପର୍ବ' ଏକ ବଡ଼ ପର୍ବ । ଏଥିପାଇଁ କିଛି ନିର୍ଦ୍ଦିଷ୍ଟ ନୀତି ବା ତିଥି ନାହିଁ, ଅର୍ଥାତ୍ ବର୍ଷର ଯେ କୌଣସି ସମୟରେ, ଯେ କୌଣସି ସ୍ଥାନରେ ଓ ଯେ କୌଣସି ଭାବରେ ଏହା ପାଳନ କରାଯାଇପାରେ ।

ଜଣେ ବା ଥୋକେ ଲୋକ ଆଉ ଥୋକେ ଲୋକଂକ ସହିତ ମିଶିବାକୁ ରାଜୀ ହେଲେ, ଏହି ପର୍ବ ପାଳନପାଇଁ ଦିନ ଧାର୍ଯ୍ୟ କରାଯାଏ । ଯେଉଁମାନେ ବର୍ଷ ବର୍ଷ ଧରି ପରସ୍ପରକୁ ଶତ୍ରୁ ଭାବରେ ଦେଖୁଥାନ୍ତି ଓ କଟୁ ଭାଷାରେ ସମାଲୋଚନା କରୁଥାନ୍ତି, ସେମାନେ ମଧ୍ୟ ମିଳିମିଶି ଏହି ପର୍ବ ପାଳନ କରିଥାନ୍ତି । କିଛି ଲୋକ ତ ଅଳ୍ପ ସମୟ ବ୍ୟବଧାନରେ ଏକାଧିକ ମିଶ୍ରଣ ପର୍ବ ପାଳନ କରନ୍ତି, ମାନେ ମାସେ ଦି ମାସ ଭିତରେ ପାଞ୍ଚ ଛଅ ଥର । ଆଉ କିଛି ଲୋକ, ବେଳେ ବେଳେ ଦିନକୁ ତିନି ଚାରି ଥର ବି ପାଳନ କରି ଥାଆନ୍ତି । ତେବେ ପାଂଚ ବର୍ଷରେ ଥରେ ଏହା ଭାରତର ବିଭିନ୍ନ ସ୍ଥାନରେ ମହା ଆଡ଼ମ୍ବରରେ ପାଳିତ ହୁଏ ।"

ଏହି ଉତ୍ତର ପାଇଁ ପିଲାଟିକୁ ୧୦ରୁ କେତେ ମାର୍କ୍ ମିଳିବ ?

ଭୁବନେଶ୍ୱର

# ଆଜିର ତାଜା ଖବର !

ଛନ୍ଦା ମିଶ୍ର






ଅଭ୍ୟାସ ଟା ଅଭ୍ୟାସ, ତେଣିକି ତାହା ଭଲ ହେଉ ବା ଖରାପ। ସକାଳୁ ଉଠି ଆଗେ ପାଟି ଭିତରେ ବ୍ରସ ଟି ପୁରେଇଲା ପରେ ସସପେନ ରେ ଚା ବସେ। ହାତ ରେ ବାମ୍ଫ ଉଠା ଚା କପେ ଧରିଲା ପରେ, ଆଖି ବାରମ୍ବାର ବାଟ ଘର କବାଟ ଆଡକୁ ଚାହିଁ ଦେଉଥାଏ, ଖବର କାଗଜ ଦେଲା କି! ଦେଇଥିଲେ ଖୁସି, ନ ଦେଇଥିଲେ ଗୋଟେ ଭିନ୍ନ ଧରଣର ଅଶ୍ୱସ୍ତି ଭାବ ମନ ରେ ଉଠେ, ହେତ୍ କେତେ ଡେରି କରୁଛି ପେପର ଆସିବାକୁ ଯେ! ଆଉ ଏ ଅଭ୍ୟାସ ଟି କେବେ ହେଲା, କେମିତି ହେଲା ତା ତ ମନେ ନାହିଁ, କିନ୍ତୁ ଖୁବ୍ ଛୋଟ ଦିନୁ, ମାନେ ପଞ୍ଚମ ଷଷ୍ଠ ଶ୍ରେଣୀ ପଢିଲା ବେଳକୁ, ବାପା, ସକାଳେ ଜଳଖିଆ ଖାଇଲା ବେଳେ ତାଙ୍କୁ ଖବର ପଢି ଶୁଣାଇବା ଥିଲା ମୋ ଦାୟିତ୍ୱ। ଆଉ ସେ ଦାୟିତ୍ୱ ରେ କେବେ ଖିଲାପ କରିଥିବାର କଥା ମୋର କାଇଁ ମନେ ପଡୁନି ।ହଁ ସେତେବେଳେ ସଂଘମିତ୍ରା ମିଶ୍ର ମହୋଦୟା ଙ୍କ ଯକ୍ଷ ପ୍ରଶ୍ନ ଓ ଅଧ୍ୟାପକ ବିଶ୍ୱରଞ୍ଜୀନ ମହୋଦୟ ଙ୍କ ରଞ୍ଜୀନ ରଶ୍ମି ପଢିବା ପାଇଁ ଖୁବ୍ ଆଗ୍ରହ ଥିଲା। କେତେ ବୁଝୁ ଥିଲି କେତେ ହେଜୁ ଥିଲି ଜାଣେନା, କିନ୍ତୁ ଖବର କାଗଜ ର ଲେଖା ଦେଖି ତା ପ୍ରେମ ରେ ପଡି ଯାଉଥିଲି। ସଂଘମିତ୍ରା.. ବିଶ୍ୱରଞ୍ଜୀନ.. ଯେଉଁ ମାନଙ୍କ ନାମ ଏତେ ସୁନ୍ଦର୍, ଯେଉଁ ମାନେ ଏତେ ସୁନ୍ଦର୍ ଲେଖୁଛନ୍ତି... ସେମାନେ କେତେ ସୁନ୍ଦର୍ ହୋଇ ନଥିବେ ସତେ! ତେବେ ଏ ବିଶିଷ୍ଟ ଲେଖକ ଓ ଲେଖିକା ଦ୍ୱୟ ଙ୍କୁ ଯେତେବେଳେ ସ୍ୱଚକ୍ଷୁରେ ଦେଖିଲି, ମୋ ଭାବନା ଠାରୁ ଦୁହିଁଙ୍କୁ କାହିଁ କେତେ ଗୁଣ ରେ ସୁନ୍ଦର୍ ପାଇଲି । ତେବେ ମୁଁ ଢେଙ୍କାନାଳ କୁ ଯିବା ରାସ୍ତା ରେ ନଯାଇ ଢିଙ୍କିଶାଳରେ ପଶି ଗଲିଣି, କ୍ଷମା ଚାହୁଁଚି। ହଁ, ମୁଁ କହୁଥିଲି ଖବର କାଗଜ ର କଥା। ସକାଳ ର ତାଜା ଖବରକାଗଜର ଆନନ୍ଦ, କେବଳ ପାଇଥିବା ଲୋକ

ହିଁ ଜାଣିଛି। ସକାଳୁ ଟିକେ ଆଖି ବୁଲେଇ ଦେଇ ପୁଣି ରାତି ରେ ଶୋଇଲା ବେଳକୁ ପେପରଟି ଧରି ଭଲ କରି ପଢୁ ପଢୁ ଖୁବ୍ ଆରାମ୍ ରେ ନିଦ ଆସିଯାଏ। ଏଇ ନିକଟରେ ଆମେ ଅଯୋଧ୍ୟା ଯାଇଥିଲା ବେଳେ ଅତିଥି ଗୃହରେ, ସେଦିନର ଖବର କାଗଜ ମାଗିବାରୁ, ଅତିଥି ଗୃହ ଦାୟିତ୍ୱରେ ଥିବା ଯୁବକଟି କହିଲା, "ପେପର କଣ ହେବ.. ଆପଣଙ୍କ କୋଠାରୀରେ ଟିଭି ଅଛି ପରା!" ସେ ବୋଧେ ଭାବିଲା ଆମେ କେବଳ ଖବର ଜାଣିବା ପାଇଁ ଖୋଜୁଛୁ ଖବର କାଗଜ! ଯିଏ ପେପର ଓ ଟିଭି ଭିତରେ ପାର୍ଥକ୍ୟ ଜାଣେନା, ଛାପା ଅକ୍ଷରର ପ୍ରେମରେ ଯିଏ ନ ପଡ଼ିଚି, ତାକୁ ପ୍ରତ୍ୟୁତ୍ତର ଦେବା ନିରର୍ଥକ ମନେ କରି ଆମେ କୋଠାରୀକୁ ଚାଲିଗଲୁ, ଆଉ ସଙ୍ଗରେ ନେଇଥିବା ପୁରୁଣା କାଗଜକୁ ଆଉ ଥରେ ପଢି ଶୋଇବାକୁ ଗଲୁ। ତେବେ ଆଜି ଏତକ କଥା କାହିଁକି କହିଲି ଜାଣନ୍ତି, ବିଦ୍ୟାଳୟମାନଙ୍କରେ ଏବେ କାଳେ ଖବର କାଗଜରୁ ପିଲାଏ ଖବର ପଢିବେ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ନିହାତି ଭାବେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏବେ ଖବର କାଗଜରେ ଖବର କାହିଁ? ଦେଶ ଦେଶ ମଧ୍ୟରେ ଯୁଦ୍ଧ, ହତ୍ୟା, ଦୁଷ୍କର୍ମ, ଡକାୟତି, ଲାଂଚ କାରବାର, ଠକାମି, ରାଜନୈତିକ ଦଳଗୁଡିକର ପରସ୍ପର ପ୍ରତି ଗୋହିଖୋଳା, ଇତ୍ୟାଦିକୁ ଯଦି ଆମେ ସମ୍ବାଦ ପର୍ଯ୍ୟାୟ ଭୁକ୍ତ କରିବା ତେବେ ଦୁଃସମ୍ବାଦ କହିବା କାହାକୁ? ଆମ ପିଲାଏ ଏସବୁ ପଢ଼ନ୍ତୁ ବୋଲି କେତେଜଣ ବାପା ମା ଚାହାଁନ୍ତି? ବିଦ୍ୟାଳୟରେ ପାଠ ଏମନ୍ତ ପଢ଼ା ହେଉଛି ଯେ, ପଞ୍ଚମ ଶ୍ରେଣୀ ପିଲା, ନିଜ ନାମ ଓ ଏକ ରୁ ଶହେ ପର୍ଯ୍ୟନ୍ତ ଠିକ୍ ରେ ଲେଖି ପାରୁନି, ସପ୍ତମ ଶ୍ରେଣୀର ଛାତ୍ର ଦରଖାସ୍ତ ଲେଖି ଜାଣିନି, ଅଷ୍ଟମ, ନବମ ଶ୍ରେଣୀ ହେଲା ବେଳକୁ କାହା ବସ୍ତାନିରୁ ଛୁରୀ କାହାର ମଦ ବୋତଲ ବାହାରୁଚି, ସେଠି ପିଲାଙ୍କୁ ଏସବୁ ଖବର କେତେ ସୁପଥକୁ ଆଣିବ ତାହା ବିଚାର ସାପେକ୍ଷ। ବରଂ ପିଲାଙ୍କୁ ନୈତିକ ଶିକ୍ଷା ପ୍ରଦାନ କରିବା ସହିତ ଦେଶ ବିଦେଶର ସକାରାତ୍ମକ ପ୍ରଭାବ ବିସ୍ତାର କରୁଥିବା ଘଟଣାବଳୀ ବିଷୟରେ ଶିକ୍ଷକ ଯଦି ଅବଗତ କରାନ୍ତି, ତେବେ ତାହା ତାଙ୍କୁ ଅଧିକ ଶୃଙ୍ଖଳିତ ତଥା ସୁସଂସ୍କୃତ କରିବ ବୋଲି ଆଶା। ଅନ୍ୟଥା ଖବର ଆକାରରେ ଯାହା ବାହାରୁଚି, ସେ କଥା ନ କହିଲେ ଭଲ। ପୁଣି ବିଡ଼ମ୍ବନା ଦେଖନ୍ତୁ ଆଜି ଖବର କାଗଜଟି ନିଜକୁ ଚଳାଇବା ପାଇଁ ପ୍ରଥମ ପୃଷ୍ଠା ରେ ପାନ ବିଡି ମଦ ତଥା ଲୁଗାପଟା ଓ ଗହଣା ଗାଣ୍ଠିର ବିଜ୍ଞାପନ କରୁଥିବା ଅର୍ଦ୍ଧନଗ୍ନ ଯୁବତୀଙ୍କୁ ଦେଖାଇବାକୁ ହେଉଛି ବିବଶ । ଅବା ସରକାରଙ୍କ ବିଜ୍ଞାପନ ଦେବାକୁ ହେଉଛି ବାଧ୍ୟ। ମୋର ଛୋଟ ବୁଦ୍ଧି ରେ ମୁଁ ବୁଝି ପାରେନି, ସରକାର ଭଲ କାମ କରିବା ତାଙ୍କ କର୍ତ୍ତବ୍ୟ, କିନ୍ତୁ ନିଜେ ନିଜର ବଡ଼ାଇ କରିବାରେ କେଉଁ ଗୌରବ ଯେ! ଛାଡନ୍ତୁ, ଆମେ ଅଦା ବେପାରୀ, ଜାହାଜ ମୂଲାଇବା କିଆଁ! ତେବେ ପିଲାଙ୍କ କଥା ଛାଡ଼ନ୍ତୁ, ଆମେ ବଡ ମାନେ ଅଭ୍ୟାସ ଗତ ଭାବେ ଖବର କାଗଜ ଧରୁଛେ ସତ, କିନ୍ତୁ ପ୍ରଥମ ପୃଷ୍ଠା ଉପରେ ହିଁ ଆଖି ପକାଇଦେଇ, ଆମ ହୃଦୟ ହେଉଛି କ୍ଷତାକ୍ତ, ମନ ହୋଇ ଉଠୁଛି ବିଚଳିତ। ସକାଳର ତାଜା ଖବର ନାମ ରେ ଆମକୁ ଦିଆଯାଉ ଥିବା ଖବର ପଢି ମନ ତରୋତାଜା ହୋଇ ଉଠିବା କଥା, ହେଲେ ଏ ପଚା ସଢ଼ା ଖବର ପଢିଲେ ମନ ବିଷାକ୍ତ ହେବା ସ୍ୱାଭାବିକ୍। ସକାଳୁ ଉଠୁଉଠୁ ରକ୍ତ ଜୁଡୁବୁଡୁ ଶରୀର, ହାଣ କାଟ୍ ମାର ଆଦି ଦେଖି ଦୀର୍ଘଶ୍ୱାସ ଟିଏ ଛାଡି ଆମେ ସମଗ୍ର ପୃଥିବୀର କଲ୍ୟାଣ ଉଦ୍ଦେଶ୍ୟରେ ପ୍ରଭୁଙ୍କୁ ମୀନତି କରେ ନାହିଁ କି! ଯଦି ଆମ ଅବସ୍ଥା ଏପରି ହେଉଛି ତେବେ ପିଲାଙ୍କ କୋମଳମତି କେତେ ମାତ୍ରାରେ ପ୍ରଭାବିତ ହେବ, ଥରେ ଭାବନ୍ତୁ ତ! ମୁଁ ଜାଣେ, ଆପଣ କହିବେ, ଆହେ ଯାହା ଘଟୁଛି ତାହା ହିଁ ତ ଖବର ଭାବେ ଆସିଛି। ପୁରା ଦୁନିଆ ଟା ତ କଳି ତକରାଳ ରେ ଭରି ଗଲାଣି, ଭଲ

ପୁଣି ଆସିବ କେଉଁଠୁ? ହେଲେ ସୁଧିବୃନ୍ଦେ, ମତେ କଥାଟିଏ କୁହନ୍ତୁ ତ, ଭଲ ନଥାଇ, ସତ୍ୟ ନଥାଇ, ଧର୍ମ ନଥାଇ ଏ ଦୁନିଆ ତିଷ୍ଠିଛି କିପରି! ଏକଥା ଭିନ୍ନ ଯେ ଖବର ସଂଗ୍ରହ କରୁଥିବା ଲୋକେ ସେସବୁ କୁ ଆଡ଼େଇ ଯାଆନ୍ତି, ଏଇୟା କହି ଯେ କୁକୁର ମଣିଷ କୁ କାମୁଡ଼ିଲେ ତାହା ଖବର ନୁହେଁ ବରଂ ମଣିଷ କୁକୁର କୁ କାମୁଡ଼ିଲେ ତାହା କାଳେ ଖବର ବୋଲି ତାଙ୍କ ଗୋସାଁବାପା ତାଙ୍କୁ ପଢାଇ ଛନ୍ତି। ହେଲେ ହଁ ଆଜି ବି କିଛି ଭଲ ଲୋକଙ୍କ ପାଇଁ ଏଇ ପୃଥିବୀଟି ପୃଥିବୀ ହୋଇ ରହିଚି ନହେଲେ କେବେଠାରୁ ତାହା ଧ୍ୱଂସ ହୋଇ ସାରନ୍ତାଣି। କଥାରେ ଅଛି ପରା କଳି ଯୁଗରେ ପାଦେ ଧର୍ମ, ତିନି ପାଦ ଅଧର୍ମ। ସେଇ ପାଦେ ଧର୍ମର କଥା, ଖବର କାଗଜର ପ୍ରଥମ ପୃଷ୍ଠା ମଣ୍ଡନ କରୁ। ଆଜି ବି ଅଭାବରେ ଥିବା ଲୋକେ ପାଇଥିବା ଚିଜଟିଏ, ମୋର ନୁହେଁ କହି ଫେରାଇ ଦିଅନ୍ତି, ଭୋକିଲା ଲୋକଟିଏ ନିଜ ଦୁଇ ପଟ ରୁଟିରୁ ପଟେ ଆଉ ଗୋଟିଏ ଭୋକିଲାକୁ ଦେଇ ଆତ୍ମସନ୍ତୁଷ୍ଟି ପାଏ, ଆଜି ବି ଖରାରେ ଘଣ୍ଟା ଘଣ୍ଟା ସିଝି ଥିବା ଟ୍ରାଫିକ ପୋଲିସଟି ହାତଧରି ଅସହାୟଟିକୁ ରାସ୍ତା ପାର କରାଏ। ହେଲେ ଅ-ଭାବ ରେ ଥିବା ଧନୀମାନଙ୍କୁ ବିଜ୍ଞାପିତ କରେ ଖବର କାଗଜ, ଯେଉଁମାନେ ନିଜେ ଟଙ୍କା ବିଡ଼ା ଉପରେ ବସି ଅନ୍ୟର ହରଣ କରିବା ପାଇଁ ସୁଖ ମଣନ୍ତି। ଆଉ ଏସବୁ ଦେଖି ଦେଖି ଆମର ବି ହୋଇ ଗଲାଣି ଦେହଘସା। ଆମେ ଚୋରୀ କରୁଛୁ, ଆଉ ନିଜକୁ ନିଜେ କହୁଛୁ କିଏ ନ କରୁଛି କି! ଏ ଦେଶରେ ନେତା ଠାରୁ ନେଇ ଜନତା ଯାକେ ସମସ୍ତେ ପରା ଚୋର! ମାତ୍ର ଥରେ ଭାବନ୍ତୁ ତ, ସକାଳ ହେଲା, ନିଦ ଭାଙ୍ଗିଲା, ଚା କପ୍ ଟି ଧରି ଆପଣ ଖବର କାଗଜ ଖୋଲି ଦେଖିଲେ, ପ୍ରଥମ ପୃଷ୍ଠାରେ ରହିଛି ଫଟ ସହିତ ଖବରଟିଏ, କୁଷ୍ଠ ରୋଗୀଟିଏ ନିଜ ତିନି ଚକିଆ ଗାଡିରେ ଭିକ୍ଷା କରିବା ପାଇଁ ଯାଉଥିଲା ବେଳେ, ପର୍ସଟିଏ ପାଇ ସେଥିରେ ଥିବା ପଚିଶ ହଜାର ଟଙ୍କା ଓ ସୁନା ଚୁଡ଼ି ଦୁଇ ପଟକୁ ତା ମାଲିକାଣୀଙ୍କୁ ଫେରାଇ ଦେଇଛନ୍ତି। ମାଲିକାଣୀଟି ନିଜ ଶାଶୁଙ୍କୁ ବଡ ଡାକ୍ତରଖାନାରେ ଚିକିତ୍ସିତ କରିବା ପାଇଁ ଆସି ନିଜର ସମ୍ବଳ ହରାଇ କାନ୍ଦି କାନ୍ଦି ହତାଶ ହୋଇ ପଡିଥିଲା ବେଳେ, ଭିକାରୀଙ୍କ ଠାରୁ ତାହାକୁ ପାଇ ହୋଇ ଉଠୁଛନ୍ତି କୃତ୍ୟକୃତ୍ୟ (ସତ୍ୟ ଘଟଣା)। ଏହା ପଢି ଆପଣଙ୍କ ଦିନଟି କେତେ ସକାରାତ୍ମକ ଉର୍ଜାରେ ଭରିଯିବ କୁହନ୍ତୁ ତ! ସଙ୍ଗେ ସଙ୍ଗେ ଆପଣଙ୍କ ଭିତରେ ଶୋଇଥିବା କୁନି ଦେବ ଶିଶୁ ଟି ମୁଣ୍ଡ ଉଠାଇ ଆପଣଙ୍କୁ ଅଥୟ କରିବ କିଛି ଭଲ କାମ କରିବା ପାଇଁ, ଏଥିରେ ମୋର ତିଳେ ମାତ୍ର ସନ୍ଦେହ ନାହିଁ। ଫଳସ୍ୱରୂପ ଆହୁରି ଅନେକ ଭଲ ଖବରରେ ଭରିଯିବ ଖବର କାଗଜଗୁଡିକ । ଯାହାକୁ ପଢି, ଯେଉଁଥିରୁ ପ୍ରେରଣା ପାଇ ଆମର ସବୁ ସକାଳ ହେବ ସୁନେଲୀ ସୂର୍ଯ୍ୟଙ୍କ କିରଣ ପରି ନୂତନ, ଚମତ୍କାର ଓ ସମ୍ଭାବନାମୟ।

କଳିଙ୍ଗ ନଗର, ଭୁବନେଶ୍ୱର
ମୋ-୯୪୩୭୪ ୫୩୬୧୦

# କଥାରେ କଥାରେ - ୧୮

ମନୋରମା ମିଶ୍ର





ସ୍ତ୍ରୀ- ଆହେ !ଶୁଣିଲଣି କି,ରାଜୀବର ସ୍ତ୍ରୀ ଆଉ ପିଲାଟି ପରା ଘରେ ବସି ସରକାରଙ୍କ ଠାରୁ ଟଙ୍କା ପାଇବେ।

ସ୍ୱା- ହଁ ! ହଁ ! ରାଜୀବଟା ଏଡସ୍ ରେ ମରିଗଲା। ତା'ର ସ୍ତ୍ରୀ ଓ କୁନିପୁଅଟି ମଧ୍ୟ ଏଡସ୍ ଆକ୍ରାନ୍ତ ହୋଇଗଲେ।ତେଣୁ ଟଙ୍କା ପାଉଥିବେ।

ସ୍ତ୍ରୀ- ଯାହାହେଉ, ଘରେ ବସି ଟଙ୍କା ପାଇ ଭଲରେ ଚଳିବେ ଏଥର।

ସ୍ୱା- କିହୋ ! ତମେ ଯେଉଁ କହୁଥିଲ ନିଶିର ଝିଅ ଇଂଗ୍ରାଜୀ ମାଧ୍ୟମରେ ପଢି ବଢିଆ ଇଂଗ୍ରାଜୀ କହୁଛି। କିନ୍ତୁ ସେ'ଯେ ଓଡିଆ ବିଲକୁଲ୍ ପଢିପାରୁନି କି ବୁଝିପାରୁନି।

ସ୍ତ୍ରୀ- ଏ ମାଆ ! ଏ କଥା ସଙ୍ଗେ ତା'ର କ'ଣ ସମ୍ପର୍କ ମୁଁ ତ ବୁଝିପାରୁନି ।

ସ୍ୱା- ବୁଝିପାରୁନଟି। କିହୋ ! ଇଂରେଜମାନେ ତାଙ୍କ ଭାଷାଟି ଛାଡିଯିବାରୁ ଆଜି ଆମର ଓଡିଆଭାଷାଟି ଲୁପ୍ତ ହେବାକୁ ବସିଲାଣି। ସେମିତି ରାଜୀବ ରୋଗ ଛାଡିଯିବାରୁ ତା'ସ୍ତ୍ରୀ, ପିଲା କେତେ ସୁନ୍ଦର ଘରେ ବସି ଟଙ୍କା ପାଇବାଟି ତୁମକୁ ଦିଶୁଛି। ହେଲେ ରାଜୀବ ରୋଗ ଛାଡିଯିବାରୁ ତା'ସ୍ତ୍ରୀ,ପିଲା ଯେ ମରିବାକୁ ବସିଛନ୍ତି ସେ କଥାଟି ତ କାହିଁ କହୁନ। ଧନ୍ୟ କହିବ ତୁମକୁ।

ସ୍ତ୍ରୀ- ଆହେ ନାଇଁମ, ସେ'କଥାଟା ଭାବି ମନ ବି ଖରାପ ଲାଗୁଛି ଯେ।


ସ୍ୱା- ଆଚ୍ଛା..ଆଚ୍ଛା..ଠିକ୍ ଅଛି।

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ମୋ : ୯୮୬୧୫୭୮୫୩୨

# ଲୀଳାମୟଙ୍କ ଲୀଳା

ବିନୋଦିନୀ ଗଉଡ଼





ଲୀଳାମୟଙ୍କର ଲୀଳାକୁ କିଏ ବୁଝି ପାରିଛି ନା ଜାଣି ପାରିଛି, ଯାହାଙ୍କ ଇସାରା ବିନା ପତ୍ରଟିଏ ବି ହଲେନି, ପବନ ଟିକେ ବହେନି, କେଉଁ ଉପମା ଦେଇ ଲେଖି ପାରିବ ଏ ଲେଖନୀ?

ସେଦିନ ହସ୍ପିଟାଲରୁ ଫେରି ଚନ୍ଦନ ବଡ଼ ପାଟିରେ କହି ଉଠିଲେ- "ଜାଣିଛ, ବହୁତ ଦିନ ପରେ ନିଲ୍ ର ମେସେଜ୍ ଆସିଛି ଗ୍ରୁପରେ,ତା' ଝିଅ ସାଇକିଏଟ୍ରିକ୍ ପି.ଜିରେ ଜଏନ୍ କରିଛି କେରଳରେ। ଆଜି ତା' ସହ ଟିକେ କଥା ହେବା।" ସଂନ୍ଧ୍ୟାର ଚା' ଆସରପରେ ନିଲ୍ କୁ ଫୋନ୍ କରୁଥିଲେଚନ୍ଦନ।

-"ହ୍ୟାଲୋ ନୀଲ୍...ମୋତେ ଚିହ୍ନି ପାରୁଛୁ ନା...! ମୁଁ ଚନ୍ଦନ କହୁଛି, ତୋ ମେସେଜ୍ ପଢି ବହୁତ ଖୁସି ଲାଗିଲା ,ତମ ଦୁହିଁଙ୍କୁ ଆଉ ଝିଅକୁ ଅନେକ ଅନେକ ଶୁଭେଚ୍ଛା। ପାଖରେ ବସି ଶୁଣୁଥିଲା ଛନ୍ଦା, ଚନ୍ଦନଙ୍କ କଣ୍ଠରେ ଯେଉଁ ଉତ୍ସାହ ଥିଲା,ବୀପରିତ ପାର୍ଶ୍ୱରୁ ନୀଲ୍ ର କଣ୍ଠସ୍ୱର ଭାରି ଉଦାସ ଆଉ କ୍ଳାନ୍ତ ଶୁଭୁଥିଲା। ସେ ଧିରେଧିରେ କହୁଥିଲା - "ଝିଅର ଇଚ୍ଛା ଥିଲା ଗାଇନିକ୍ ପଢିବ, କିନ୍ତୁ ମିଳିଲାନି ତାକୁ।

-କେତେ ରାଙ୍କ୍ ଥିଲା ତାର?ଚନ୍ଦନ ତାଙ୍କ ପ୍ରଶ୍ନକୁ ଦୋହରାଉଥିଲେ।ନୀଲ୍ ଭଙ୍ଗା ଭଙ୍ଗା ସ୍ୱରରେ କହୁଥିଲା।

-ମୁଁ ସେସବୁ କିଛି ଜାଣିନି, ତା' ମାଆ ସବୁକଥା ବୁଝୁଛି ଏବେ।

-ତୋ ଦେହ ଭଲ ନାହିଁକି ନୀଲ୍... ଏମିତି କାହିଁକି କହୁଛୁ?ଭାବପ୍ରବଣ ହୋଇଯାଉଥିଲା ନୀଲ୍, ଏତେଦିନ ପରେ ତା' ଏମ୍.ବି.ବି. ଏସ୍ ସାଙ୍ଗ ଚନ୍ଦନର କଥାଶୁଣି। ଛଳଛଳ ଆଖି, ଭଙ୍ଗା ଭଙ୍ଗା ସ୍ୱରରେ କହି ଉଠିଲା ସେ - "ଦୁଇଟି ଯାକ କିଡନୀ ଖରାପ୍ ହୋଇ ଯାଇଛି, ଡାୟାଲିସିସ୍ ଦ୍ୱାରା ବଞ୍ଚି ରହିଛି ଯାହା। ଭାବୁଛି, ଏଥର ଭଲ୍ୟୁଣ୍ଟାରି ରିଟାୟାରମେଣ୍ଟ ନେଇଯିବି, ଆଉ କାମ କରିପାରୁନି"। ଆହା!

ଯନ୍ତ୍ରଣାର କଣ୍ଟା କିଏ ଫୋଡିଦେଲା ଛାତି ଭିତରେ। ବାଷ୍ପରୁଦ୍ଧ କଣ୍ଠରେ ନୀଲ୍ ଠୁ ବିଦାୟ ମାଗି, ମୋବାଇଲ୍ ବନ୍ଦ କରି ଦେଲେ ଚନ୍ଦନ।

ପାଖରେ ବସିଥିବା ପତ୍ନୀ ଛନ୍ଦାକୁ କହୁଥିଲେ - ପୋର୍ଟ ବ୍ଲେୟାର୍ ରୁ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ହୋଇ ଓଡ଼ିଶାରେ ଡାକ୍ତରୀ ପାଠ ପଢ଼ିବାକୁ ଆସିଥିଲା ନୀଲ୍। ପାଠରେ ଏତେ ଆଗ୍ରହ ନଥିଲା ତାର, କିନ୍ତୁ ଭଲ ଫୁଟବଲ୍ ଖେଳାଳି ଭାବେ ବେଶ୍ ନାଁ କମେଇ ଥିଲା ସିଏ। କିଏ ଜାଣିଥିଲା, ସେଦିନର ସେଇ ସୁସ୍ଥ,ସବଳ ଯୁବ ଡାକ୍ତର, ଯିଏ କେତେ ରୋଗୀଙ୍କୁ ମରଣ ମୁହଁରୁ ବଞ୍ଚେଇ ଆଣିଛି,ଆଜି ରୋଗାକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛି ...ଏହା ଭଗବାନଙ୍କ ଲୀଳା ନୁହେଁ ତ ଆଉ କ'ଣ?

ସେଦିନ ହସ୍ପିଟାଲରୁ ଫେରି ଚନ୍ଦନ ଭାରି ଉତଫୁଲ୍ଲିତ ଲାଗୁଥିଲେ।

-"କଣ ହୋଇଛି, ଆଜି ଏତେ ଖୁସି?"

-"ଆଜି ରାମ ବାବୁଙ୍କ ସହ ଦେଖା ହୋଇଗଲା ବାଟରେ, ଘରକୁ ଡାକି ନେଇଥିଲେ। ଚା' ପିଇବା ଭିତରେ କିଛି ସୁଖଦୁଃଖ ବାଣ୍ଟୁଥିଲେ ଦୁଇ ବନ୍ଧୁ ମିଶି।ଫେରି ଆସୁଥିବା ବେଳେ ରାମବାବୁ ପଛରୁ ଡାକି କହିଲେ-

-ଦେଖନ୍ତୁ ଆଜ୍ଞା, କାନ୍ଥରେ ଝୁଲୁଥିବା ମେଡାଲ୍ ସବୁ ସୋନୁର..।

-ଏତେ ଗୁଡାଏ ମେଡାଲ୍, କୋଉଥିରେ ପାଇଛି ସେ?

-ମାରାଥନ୍ ରେ ଆଜ୍ଞା।

ଆଶ୍ଚର୍ଯ୍ୟ ଆଉ ପୁଲକିତ ହୋଇ ପଡିଥିଲେ ଚନ୍ଦନ। କିଛି ବର୍ଷ ତଳେ ଆଣ୍ଠୁଗଣ୍ଠି ବାତ ପାଇଁ ଠିକ୍ ରେ ଚାଲି ପାରୁ ନଥିଲା ସୋନୁ। ପୁଅକୁ କାନ୍ଧରେ ଧରି କେତେ ଡାକ୍ତରଙ୍କ ପାଖକୁ ଦୌଡିଛନ୍ତି, କେତେ ଯନ୍ତ୍ରଣାର ଅଶ୍ରୁକୁ ପିଇ ଯାଇଛନ୍ତି ଏକାଏକା। ସେଇ ପୁଅ ତାଙ୍କର ଏବେ ସରକାରୀ ମେଡିକାଲ୍ କଲେଜରୁ ଡାକ୍ତରୀ ପାସ୍ କରି ପି.ଜି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛି। ମେଡିକାଲ କଲେଜ୍ ରେ ଜଣେ ସାର୍ ଙ୍କ ପ୍ରେରଣାରେ ଏତେ ବାଟ ଆଗେଇ ପାରିଛି। ସୋନୁ ବିଷୟରେ ଏହା ବର୍ଣ୍ଣନା କରି ଭାବପ୍ରବଣ ହୋଇ ପଡ଼ିଥିଲେ ରାମ ବାବୁ। ତାଙ୍କ ଆଖିରୁ ଝରି ପଡୁଥିବା ଆନନ୍ଦର ଅଶ୍ରୁ, ଖୁସିର ଲହରୀ ହୋଇ ଛୁଇଁ ଯାଉଥିଲା ଚନ୍ଦନଙ୍କ ହୃଦୟକୁ। ଲୀଳାମୟ ପ୍ରଭୁଙ୍କର ଏଇ ଚମତ୍କାରିତା ଦେଖି ଗୁଣୁଗୁଣୁ ହୋଇ ସେ ଗାଉଥିଲେ ଏଇ କିଛି ଧାଡି :-

"ଲୀଳାମୟଙ୍କ ର ଲୀଳା
କିଏ ବା ଜାଣିବ ପାରି?
ମୂକ ହୁଅଇ ବାଚାଳ
ପଙ୍ଗୁ ଲଙ୍ଘିପାରେ ଗିରି ।"

କ୍ୱାଟର୍ ନଂ – ସି,୧-୧ / ୧,
ନ୍ୟୁ-ଗଭରନ୍‌ମେଣ୍ଟ କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୩ ୩୭୯୫୫

# ମହତ ଉପାଖ୍ୟାନ

**ଶମ୍ଭୁନାଥ ରାଉଳ**





ନନ୍ଦୁ ଚରିତ୍ରକୁ ନେଇ ଏକ ଗଳ୍ପ ଲେଖିବାର ଆକାଂକ୍ଷା ଗତ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ସଞ୍ଚରି ଆସୁଥିଲେ ବି ମୁଁ ତାକୁ ଲେଖନୀରେ ରୂପ ଦେଇ ପାରିନଥିଲି । ହଠାତ ଏକ ଶୀତ ସକାଳରେ ମୁଁ ସଂକଳ୍ପବଦ୍ଧ ହୋଇ ଲେଖାଟି ଆରମ୍ଭ କଲି । ନନ୍ଦୁ ସହିତ ମୋର ପରିଚୟ ବି ସେମିତି ଏକ ଶୀତ ସକାଳରେ ଗଦା ଗଦା ବାଉଁଶ ଏବଂ କାଠର ପରିବେଷ୍ଟନୀ ଭିତରେ ଆରମ୍ଭ ହୋଇଥିଲା । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା କୋରାପୁଟ ଜିଲ୍ଲାର ଏକ ଅଞ୍ଚଳରେ ନୂତନ କରି ସ୍ଥାପନ ହେଉଥିବା ଏକ କାଗଜ ତିଆରି କାରଖାନାରେ ଏକ ବିଭାଗୀୟ ପଦସ୍ଥ ଅଧିକାରୀ ରୂପେ ମୁଁ କାର୍ଯ୍ୟ ନିର୍ବାହ କରୁଥିଲି । ସେଦିନ ସକାଳେ ମୁଁ ରୁଟିନ୍ ପରିଦର୍ଶନରେ ବାହାରିଥିଲି ଏବଂ ନନ୍ଦୁ ସଂସ୍ପର୍ଶରେ ଆସିବାର ଅବକାସ ମିଳିଥିଲା ।

ନନ୍ଦୁ ଏକ ଠିକାଦାର ପାଖରେ କାମ କରୁଥିଲା । ତା ସାଙ୍ଗରେ ପ୍ରାୟ ୧୫/୨୦ ଜଣ ସେହିଭଳି ସେ ଠିକାଦାର ପାଖରେ ବିଭିନ୍ନ ପ୍ରକାର କାର୍ଯ୍ୟରେ ନିୟୋଜିତ ଥିଲେ । ବୋଧହୁଏ ସେମାନେ ସବୁ କଟକ ଓ ପୁରୀ ଜିଲ୍ଲାର କେଉଁ କେଉଁ ଅଞ୍ଚଳରୁ ଜୀବିକା ନିର୍ବାହ ପାଇଁ ନ୍ୟସ୍ତ ଥିଲେ । ଉଣାଅଧିବେ ସେ ସମସ୍ତେ ପ୍ରାୟ ଏକା ପ୍ରକାର ଆକୃତିର ଥିଲେ । ସମସ୍ତଙ୍କର ବଡ଼ ଓ ବଳିଷ୍ଠ ଚେହେରା, ରଙ୍ଗ କଳା ଏବଂ ସମସ୍ତେ କର୍ମଠ । ସମସ୍ତଙ୍କ ଭିତରେ ନନ୍ଦୁ ମୋତେ ଆକୃଷ୍ଟ କରିଥିଲା ଏବଂ ମୁଁ ତା ସହିତ ଘନିଷ୍ଠ ହେବାକୁ ଲାଗିଲି ।

ଯେଉଁଠି କାରଖାନା ବସୁଥିଲା ସେଠାରୁ ୧୦ କିଲୋମିଟର ଦୂର ଏକ ସହରରେ ମୁଁ ରହୁଥିଲି ଏବଂ ନନ୍ଦୁ ଅନ୍ୟମାନଙ୍କ ଭଳି ଠିକାଦାର ସହ କାରଖାନା ପାଖରେ ରହୁଥିଲା । ଛୁଟି ଦିନରେ କେବେ କେବେ ନନ୍ଦୁ ଆମ ଘରକୁ ଆସେ । ଅନ୍ୟମାନେ ବି ସେମିତି ଆସନ୍ତି । ମୋର ସମସ୍ତଙ୍କ ସହ ଖୁବ୍ ଭଲ ସମ୍ପର୍କ ଥିଲା । ଚାକିରୀ କାଳ ସମୟରେ ଏବଂ ଚାକିରୀ ବାହାର କ୍ଷେତ୍ରରେ ବ୍ୟକ୍ତିଗତ ଜୀବନରେ ମୁଁ ଯଥାସାଧ୍ୟ ଚେଷ୍ଟା କରିଛି କାହା ସହିତ ପାତର ଅନ୍ତର ନ କରିବା ପାଇଁ । ଛୋଟ ବଡ଼ର ମାପ କାଠିରେ ନ ମାପିବା ପାଇଁ । ମୁଁ ସମସ୍ତଙ୍କୁ ସମାନ ନଜରରେ ହିଁ ଦେଖି ଆସିଛି ଆଜି ପର୍ଯ୍ୟନ୍ତ ।

ଚାକିରୀର ପ୍ରଥମରୁ ହିଁ ମୋ ବାପା ମାଆଙ୍କୁ ମୁଁ ପାଖରେ ରଖିବାକୁ ଚେଷ୍ଟା କରିଛି । ନନ୍ଦୁର ମୋ ଜୀବନରେ ଅବଦାନକୁ ବଖାଣିବା ପୂର୍ବରୁ କିଛିଟା

ପୂର୍ବାପର ସମ୍ବନ୍ଧର ଆବଶ୍ୟକ ହେତୁ ମୋ ବିଷୟରେ ସାମାନ୍ୟ ସୂଚନା ଦେଉଛି।

ମୋର ୨୧/୨୨ ବର୍ଷ ବୟସରୁ ହିଁ ପୁରା ପରିବାରର ଦାୟିତ୍ୱ ସମ୍ଭାଳିବାକୁ ପଡ଼ିଥିଲା। ବାପା କ୍ୟାନସରରେ ପୀଡ଼ିତ ଏବଂ ମୋ ମାଆ ମୋତେ କେବେ ବି ସେ ଦୁଃଖର ଭାର ବହନ କରିବାକୁ ଦେଇନି। ମୋ ପରୀକ୍ଷା ସମୟରେ ସମ୍ପୂର୍ଣ୍ଣ ଗୋପନୀୟ ରଖିଥିଲା ଏ ତଥ୍ୟ ଏକୁଟିଆ ସବୁକିଛି ସେ ତୁଲାଇଥିଲା। ମୋର ଜଣେ ସମ୍ପର୍କୀୟ ମାମୁଁଙ୍କ ସହାୟତରେ ଏକ ଆଙ୍ଗୁଠି ଚିହ୍ନ ଦେଉଥିବା ମା' ରାଉରକେଲା ଭଳି ଏକ ଶିଳ୍ପାଞ୍ଚଳରେ ରହି ମଧ୍ୟ ଏକୁଟିଆ ସେ ଦୁଃଖର ଭାରକୁ ବହନ କରିଥିଲା। ଯେମିତି ଗାଁରେ ଏକୁଟିଆ ଘରଦ୍ୱାର ସମ୍ଭାଳି ଜମିଜମା କିଣି ଏକ ବୈକୁଣ୍ଠ ସମାନ ଘରର ସ୍ଥାପନ କରିଥିଲା। ସେମିତି ଏକୁଟିଆ ରାଉରକେଲା ଭଳି ଜାଗାରେ ମଧ୍ୟ ନିଜକୁ ସମ୍ଭାଳି ବାପାଙ୍କର ସମସ୍ତ ଦାୟିତ୍ୱ ବହନ କରିଥିଲା। ମୋ ବିବାହର ୬ ମାସ ପରେ ମୁଁ କୋରାପୁଟର ନୂଆ ଏକ କମ୍ପାନୀରେ ଜଏନ୍ କରିଥିଲି ଏବଂ ବାପା ମାଆଙ୍କୁ ସାଙ୍ଗରେ ରଖିଥିଲି। ବାପା ସେତେବେଳକୁ ଚାକିରୀରୁ ବିରତି ନେଇ ସାରିଥିଲେ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ। ବାପା ମାଆଙ୍କୁ ଆଣିବାର କିଛି ମାସ ପରେ ମୋର ବଡ଼ପୁଅର ଜନ୍ମ ହୋଇଥିଲା। ବଡ଼ପୁଅ ଜନ୍ମର ଦେଢ଼ / ଦୁଇମାସ ପରେ ବାପାଙ୍କର ପୁଣି ଦେହ ଖରାପ ହୋଇଥିଲା ଏବଂ ତାଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଥିଲା।

ନନ୍ଦୁ ଆମ ଘରକୁ ପ୍ରାୟ ଆସେ। ମୋ ବିଭାଗରେ କାମ କରୁଥିବା ଅନ୍ୟ କର୍ମଚାରୀମାନେ ମଧ୍ୟ ଆସନ୍ତି। କିନ୍ତୁ ନନ୍ଦୁ ଏକ ସ୍ୱତନ୍ତ୍ର ଏବଂ ବିଶେଷ ପରିଚୟ ରଖିଥିଲା କେବଳ ମୋ ପାଖରେ ନୁହେଁ ମୋ ପରିବାରର ସମସ୍ତ ସଦସ୍ୟଙ୍କ ପାଖରେ। ଆମ ଘରକୁ ଆସିଲେ ସେ ମୋ ବଡ଼ ପୁଅ ଅମନକୁ ଖୁବ୍ ସ୍ନେହ ଓ ଶ୍ରଦ୍ଧା କରେ। ତାକୁ ସେ 'ଚନ୍ଦା ବାବୁ' ବୋଲି ଡାକୁଥିଲା କାରଣ ପୁଅର ଖୁବ କମ୍ ବାଳ ଥିଲା ମୁଣ୍ଡରେ। ରଙ୍ଗ କଳା ଓ ବଡ଼ ଚେହେରା ଦେଖି ମୋ ପୁଅ ଅମନ କେବେ ଡରୁ ନଥିଲା ନନ୍ଦୁକୁ। ନନ୍ଦୁକୁ ଦେଖିଲେ ସେ ଖୁବ ଖୁସି ହେଉଥିଲା।

ବାପା ହସପିଟାଲରେ ଭର୍ତ୍ତି ହେବା ପରେ ନନ୍ଦୁ ପ୍ରାୟ ଦୁଇମାସ ତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଥିଲା ଏବଂ ହସପିଟାଲରେ ତାଙ୍କର ସମସ୍ତ ସେବା ଶୁଶ୍ରୁଷା କରୁଥିଲା। ମଝିରେ ମଝିରେ ଘରକୁ ଆସେ ବାପାଙ୍କ ପାଇଁ ଖାଇବା ନେଇ ଯିବା ପାଇଁ ଏବଂ ନିଜେ ଖାଇବା ପାଇଁ। କାରଖାନାର ନିର୍ମାଣ କାମ ଚାଲିଥିବାରୁ ମୁଁ ପ୍ରାୟ ସମୟ ଦେଇ ପାରେନା। ସକାଳ ୮ଟାରୁ ରାତି ୯ଟା ଏବଂ କେବେ କେବେ ଆହୁରି ଅଧିକ। ଡାକ୍ତରଙ୍କ ପରାମର୍ଶ ଓ ଔଷଧ କିଣାକୁ ଛାଡ଼ି ଦେଲେ ନନ୍ଦୁ ହିଁ ସମସ୍ତ କାର୍ଯ୍ୟ ସମ୍ଭାଳୁ ଥିଲା। କେବେକେବେ ମନେ ହେଉଥିଲା ନନ୍ଦୁ ବୋଧହୁଏ କେଉଁ ଜନ୍ମରେ ବାପାଙ୍କ ନିଜର ପୁଅ ଥିଲା। ଏ ଜନ୍ମରେ ସେ ତା'ର ପିତୃଋଣ ପରିଶୋଧ କରୁଛି। ବିଭାଗରେ କାମ କରୁଥିବା ଅନ୍ୟ ସମସ୍ତ କର୍ମଚାରୀଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଓ ସହଯୋଗ ମିଳୁଥିଲା କିନ୍ତୁ ନନ୍ଦୁ ଏକ ବିଶେଷତ୍ୱ।

ବାପାଙ୍କର ହସପିଟାଲରେ ଥିବା ସମୟରେ ସେଇ କଣ୍ଟ୍ରାକ୍ଟର ଲେବରର୍‌ମାନଙ୍କ ମଧ୍ୟରୁ ପ୍ରାୟ ୧୫/୧୬ ଜଣ ବିଭିନ୍ନ ସମୟରେ ରକ୍ତଦାନ କରିଥିଲେ, ନନ୍ଦୁ ମଧ୍ୟ। ସେମାନଙ୍କର ଅଯାଚିତ ସହଯୋଗ ଓ ସହାନୁଭୂତି ଉଲ୍ଲେଖ ଯୋଗ୍ୟ। ମୋ ଭଳି ବହୁତ କମ୍ ବ୍ୟକ୍ତିଙ୍କ ଭାଗ୍ୟରେ ବୋଧେ ଜୁଟିଥାଏ। ନନ୍ଦୁର ଅବିରତ ସେବା ଶୁଶ୍ରୁଷା ଓ ଡାକ୍ତରଙ୍କର ଚେଷ୍ଟା ସତ୍ତ୍ୱେ ବି ବାପାଙ୍କୁ ଦୁଇମାସରୁ ଅଧିକ ବଞ୍ଚାଯାଇ ପାରିନଥିଲା।

ସେଦିନ ବି ସେମିତି ଏକ ଶୀତ ସକାଳର ସମୟ ଥିଲା। ପିକ୍‌ନିକ୍‌ର ସମୟ। ଆମ ବିଭାଗର ପିକ୍‌ନିକ୍ ମଧ୍ୟ ସ୍ଥିର କରାଯାଇଥିଲା। ମୋତେ ଏବଂ ମୋର ଆଉ ୩/୪ ଜଣ ବନ୍ଧୁଙ୍କୁ ଛାଡ଼ି ଅନ୍ୟମାନେ ବସରେ ପିକ୍‌ନିକ୍ ପାଇଁ ବାହାରି ଯାଇଥିଲେ। ସୂର୍ଯ୍ୟୋଦୟ ପୂର୍ବରୁ ୪୦/୫୦ କିଲୋମିଟର ଦୂର ଏକ ସୁନ୍ଦର ପ୍ରାକୃତିକ ପରିବେଷ୍ଟନୀରେ ଘେରା ସ୍ଥାନକୁ ସେମାନେ ସେଠାରେ ପହଁଞ୍ଚି ପ୍ରାରମ୍ଭିକ ପ୍ରସ୍ତୁତିରେ ଲାଗି ପଡ଼ିବା ପାଇଁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନକୁ ସ୍ଥିର କରି ଭିଡରୁ ରକ୍ଷା ପାଇବା ପାଇଁ। ମୁଁ ଏବଂ ମୋ ଅନ୍ୟ କେତେଜଣ ବନ୍ଧୁ ରହିଯାଇଥିଲୁ କମ୍ପାନୀ ଜିପ୍‌ରେ ଯିବା ପାଇଁ। ଯିବା ପୂର୍ବରୁ ମୁଁ ମୋର ସେଇ ବନ୍ଧୁମାନଙ୍କ ସହ ହସପିଟାଲ ଯାଇଥିଲି ବାପାଙ୍କୁ ଦେ

ଖା କରିବା ପାଇଁ। ମୋ ପହଞ୍ଚିବା ପରେ ବାପା ଡବଷ୍ଟଷ ଜକ୍ଟକ୍ଟଙ୍କକୁ ଯିବା ପାଇଁ ବାହାରିଥିଲେ। ନନ୍ଦୁ ତାଙ୍କୁ ଧରି ନେବା ପାଇଁ ବାହାରିଥିଲା କିନ୍ତୁ ସେଦିନ ମୁଁ ତାଙ୍କୁ ଧରି ନେବା ପାଇଁ ହାତ ବଢ଼ାଇଥିଲି। ସେ କିନ୍ତୁ ନିଜେ ବିନା ସାହାଯ୍ୟରେ Wash Room ଯାଇଥିଲେ। ମୁଁ ସାଙ୍ଗରେ ଥିଲି। Wash Roomରୁ ଫେରି ବେଡ଼ରେ ଶୋଇଥିଲେ। ଅଳ୍ପ ସମୟ ପରେ ଡାକ୍ତର ଚେକ୍ ଅପ୍ ପାଇଁ ଆସିଥିଲେ। ଡାକ୍ତର ଚେକ୍ ଅପ୍ କରି ଯାହା କହିଥିଲେ ମୋ ପାଦ ତଳୁ ପୃଥିବୀଟା ଧସି ଯାଇଥିବା ଭଳି ମନେ ହୋଇଥିଲା। ବାପା ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରି ସାରିଥିଲେ। ପିକ୍‌ନିକ୍ ଯିବା ସେଇଠି ରହିଗଲା। ଯେଉଁମାନେ ପ୍ରଥମରୁ ଯାଇଥିଲେ ଆମକୁ ଅପେକ୍ଷା କରି କରି ଫେରି ଆସିଥିଲେ।

ନନ୍ଦୁ ସେଦିନ ବହୁତ କାନ୍ଦିଥିଲା। ନିଶ୍ଚିତ ଭାବରେ ମୋ ଠାରୁ ଅଧିକ ଏବଂ ଅଧିକ ସମୟ ଠିକ୍ ମୋ ମାଆ ଭଳି। ମା' ଓ ନନ୍ଦୁର କାନ୍ଦ ଏବେ ବି ବେଳେବେଳେ ମୋ କାନରେ ଶୁଭିଲା ଭଳି ଲାଗେ। ବାପାଙ୍କର ଶେଷକୃତ୍ୟ ବହୁତ ଭଲରେ ସେଇଠି ସମାପନ କରାଯାଇଥିଲା। ସମସ୍ତେ ସାଙ୍ଗରେ ଯାଇଥିଲେ ଶ୍ମଶାନ ପର୍ଯ୍ୟନ୍ତ। ବାପାଙ୍କର ଶବ ସତ୍କାରର ଶେଷ ଅଗ୍ନିଶାଖା ନିର୍ବାପିତ ହେବା ପର୍ଯ୍ୟନ୍ତ ନନ୍ଦୁ ମୋ ସାଙ୍ଗରେ ରହିଥିଲା ଏବଂ ମୋ ସାଙ୍ଗରେ ଆମ ଘରକୁ ଫେରିଥିଲା।

ନନ୍ଦୁକୁ କିଛି ମୁଁ ଦେଇ ପାରିନଥିଲି। ବାପାଙ୍କ ନୂଆ ବାଟା ଚପଲ ଏବଂ HMT Sona ଘଡ଼ି ଏବଂ ସାମାନ୍ୟ ଅର୍ଥ ଯାହା ନନ୍ଦୁ ବହୁତ ଅନିଚ୍ଛା ସତ୍ତ୍ୱେ ଗ୍ରହଣ କରିଥିଲା।

ତା' ପରେ ମୁଁ କିଛି ଦିନ ସେଇ କମ୍ପାନୀରେ ଚାକିରୀ କରୁଥିଲି ଏବଂ ନନ୍ଦୁକୁ ସାମ୍ନାରେ ଦେଖୁଥିଲି ଏବଂ ବହୁତ ଶାନ୍ତି ଲାଗୁଥିଲା ଯେମିତି ବାପାଙ୍କୁ ଦେଖିଲେ ଲାଗେ ଠିକ୍ ସେମିତି। ତା' ପରେ ମୁଁ ସେଠାରୁ ଆଉ ଏକ ଦୂର ଜାଗାରେ ଅନ୍ୟ ଏକ କମ୍ପାନୀରେ ଜଏନ୍ କଲି।

ତା' ପରଠାରୁ ନନ୍ଦୁ ସହିତ ମୋର ଆଉ ଦେଖା ହୋଇନି। ନନ୍ଦୁ ହୁଏତ ହଜି ଯାଇଛି ତା'ର ନିଜର ଏକ ଦୁନିଆରେ ଆଉ ମୁଁ ମୋ ନିଜର ଦୁନିଆରେ।

ଭୁବନେଶ୍ୱର
ମୋ:୯୩୩୮୦୧୧୧୮୩



# ପଲଟନ୍

ସୁନନ୍ଦା ମହାନ୍ତି





ସେଦିନ କିନ୍ତୁ ଗୋପାଳ ପୁରି ସାଙ୍ଗକୁ ଡାଲମା ବାନ୍ଧିଲା ଗାମୁଛାରେ। ଥଣ୍ଡା ବୋତଲ ଟେ ଧରିଲା ହାତରେ। ଫେରିବାକୁ ବସିଲା ଥଣ୍ଡା ପିଇ ପିଇ। ବଜାର ଟପି ତା ଗାଁ ରାସ୍ତା ବାଟ କୁ ପାଦ କାଢୁଛି କି ନାହିଁ, ଗାଁ ରିକ୍ସାବାଲା କାଳୁ ମଉସା ଡାକ ପକେଇଲେ। କହିଲେ ଆରେ ହେ ହୁଣ୍ଡା ପୁଅ ତତେ ଅନେଇ ଏଇଠି ବସିଛି ନେଇଯିବି ବୋଲି ସାଙ୍ଗରେ ଆଉ ତୁ ଚାଲି ଚାଲି ଯିବାକୁ ବସିଲୁଣି!ଚୁପଚାପ ଗୋପାଳ ବସିଗଲା ରିକ୍ସାରେ। ଭଲ ହେଲା କାଳୁ ମଉସା ରିକ୍ସା ନେଇ ପଳେଇ ଥିଲେ ଆଜି କାନ୍ଧରେ ଝୁଲୁଥିବା ଗାମୁଛା ରେ ଥିବା ପୁରି ଓ ଡାଲମା ବୋଝ ତାକୁ ସିମେଣ୍ଟ, ବାଲି କି ଗୋଡି ବୋଝ ପରି ଲାଗିଥାଆନ୍ତା। ସେ କଥା ଭାବି ତାକୁ ଭୋକ ଲାଗୁଥିଲା। ଇଛା ହେଉଥିଲା ଗାମୁଛା ଖୋଲି ପୁରି ଓ ଡ଼ାଲମା ଖାଇନେବାକୁ। ଆଜି କିନ୍ତୁ ଖୁବ ବଳି ପଡିଥିଲା ପୁରି ଓ ଡାଲମା ହୋଟେଲ ରେ ତ ସେ ପେଟେ ଖାଇ ପୁଣି ବଳକା ସବୁକୁ ବାନ୍ଧିଛି ଗାମୁଛାରେ। ଖାଇବ ବୋଲି ଭାବିଲା ବେଳକୁ ମନେ ପଡୁଛି କୁଡ଼ିଆରେ ତା ଫେରିବା ବାଟକୁ ଅପେକ୍ଷା ରତ ତା ବୁଢା ବାପାଙ୍କ ମୁହଁ। ପୁଣି ମନେପଡୁଛି ସ୍ତ୍ରୀ ସବୁଦିନ ପଚାରୁଥିବା ସେଇ ଏକା ପ୍ରଶ୍ନ ଟି ଏମିତି ଯେ ଆଜି କଣ ଖାଇଛ? ପୁଣି ମନେ ପଡୁଛି ଦୁଇ ଝିଅଙ୍କ ମୁହଁ।କେବେ କିଛି ଆଶା ରଖିନଥିବା ଦୁଇ ଝିଅ ତାର ଏଣିକି ମାଆ ଜାନକୀ ସଙ୍ଗେ ମିଶି ରସୁଣ ଫୁଟା ସୋରିଷ ତେଲ ଘଷି ଦେଉଥିଲା ବେଳେ ତା ପାଦ ଦୁଇଟିକୁ କେବେ କିଛି ଅଳି କରିନଥିବା ବରଂ ତାଙ୍କ ବାପା କେତେ ବାଟ ବଜାରରୁ ଗାଁକୁ ଫେରିଛନ୍ତି ବୋଲି ଭାବନା ସହ ସେ ଦୁଇ ଭଉଣୀଙ୍କ ଗୁଲୁଗୁଲିଆ ମୁହଁ ଦିଶୁଥିଲା ।ପୁଣି ଗୋପାଳ କୁ ଏମିତି ରିକ୍ସାରେ ବସି ଖାଇବାର ଦେଖିଲେ କାଳୁ ମଉସା କଣ ଭାବିବ!ପଚାରିବ ଆଜି କିଛି ଖାଇନଥିଲୁ କି ହୁଣ୍ଡା ପୁଅ। ଭାବୁ ଭାବୁ ଲାଜ ମାଡିଲା ଗୋପାଳକୁ।

ଠିକ ଏତିକି ବେଳକୁ କାଳବୈଶାଖି ବର୍ଷାଟା ଉଠେଇ ଆସିଲା ତ ରିକ୍ସା ହୁଡରେ ଥିବା ଚିରା କପଡା ଉଡ଼ିଗଲା। କାନ୍ଦ କାନ୍ଦ ହୋଇଗଲେ କାଳୁ ମଉସା। କହିଲେ ତୁ ସିନା ଏଇ ରାତିକୁ ଖାତିରି ନକରି ବସିଛୁ ଗୋପାଳ ହେଲେ କାଲିଠୁ ମୋ

ରିକ୍ସାରେ ଆଉ କିଏ ବସିବ! ଆଜି ଜଣେ ବାବୁ ତାଙ୍କ ବୁଢା ବାପାଙ୍କୁ ଧରି ମୋ ରିକ୍ସାରେ ବସି ଗଲେ ଏବଂ ମୋ ଦୁଃଖ ଦୁର୍ଦ୍ଦଶା ଶୁଣି ହୁଡ଼ରେ କପଡା ପକେଇବାକୁ ଟଙ୍କା ଦେଇଥିଲେ ହେଲେ ଦୁଇଦିନ ହେବ ଭୋକିଲା ଥିଲି ତ ପେଟ ଭରି ଖାଉ ଖାଉ ଆଉ କେଇଟା ଟଙ୍କାରେ ରିକ୍ସା ଛାତ ପାଇଁ କପଡା ପକେଇ ପାରିଲିନି। କାଲି ଆଉ କିଏ ବସିବ ମୋ ରିକ୍ସାରେ କହି କାନ୍ଦୁଥିଲେ କାଲୁମଉସା। ପୁଣି କହୁଥିଲେ ସହଜେ ରିକ୍ସାରେ ବସିବାକୁ କେହି ଯାତ୍ରୀ ପସନ୍ଦ କରୁନଥିବା ବେଳେ ଏବେ କେମିତି ଦାନାପାଣି ହେବ କେଜାଣି! ରିକ୍ସା ଗାଁରେ କଷ୍ଟେ ମଷ୍ଟେ ପହଁଞ୍ଚି ଯାଇଥିଲା। ଓଦା ଜୁଡୁବୁଡୁ ଗୋପାଳ ଲୁଙ୍ଗି ଖୋଲି ଦୁଇଶହ ଟଙ୍କା ବଢ଼େଇ ଦେଲା କାଲୁମଉସାଙ୍କୁ ଓ କହିଲା କାଲି ହୁଡରେ କପଡା ପକେଇଦେବ ମଉସା। ମଉସା କାନ୍ଦି ପକେଇ କହିଲେ ତୋ ବାପା ଓ ସ୍ତ୍ରୀ ଙ୍କୁ ତୁ ସବୁଦିନ ଶହେ ଟଙ୍କା ଲେଖାଏଁ ଦେଉ ମୁଁ ଜାଣେ। ସେ ପଇସା ମତେ ଦେଇଦେଲେ ତୋ ବାପା ଆଉ ସ୍ତ୍ରୀ ମତେ କଣ ବୋଲି ଭାବିବେ ହୁଣ୍ଡା ପୁଅ! କିଛି ଭାବିବେନି ମଉସା। ତାଙ୍କ ପାଇଁ ମୁଁ ଏଇ ପୁରି ଓ ଡାଲମା ଆଣିଛି। ସେପଟୁ ଲଣ୍ଠନ ହାତରେ ଗୋପାଳର ବୁଢା ବାପା ଓ ପଛେ ପଛେ ପଖିଆ ଘୋଡ଼ି ହୋଇ ସ୍ତ୍ରୀ ଓ ଦୁଇ ଝିଅ ହାତରେ ଛତା ଧରି ଆସୁଥିବାର ଦେଖି ଗୋପାଳ କହିଲା ମୁଁ ଯାଉଛି ମଉସା। କାଲୁମଉସା ସେଦିନ ହୁଣ୍ଡା ଗୋପାଳକୁ କେତେ ଆଶୀର୍ବାଦ ଢାଳି କହିଥିଲେ କାଲି ତତେ ଅପେକ୍ଷା କରିଥିବି ଗୋପାଳ ସାଙ୍ଗହୋଇ ଫେରିବା ନିଜ ନିଜ କୁଡ଼ିଆକୁ। ଝିଅ ଦୁହିଁଙ୍କ ଭିତରୁ ଜଣେ ବାପା ଗୋପାଳ ହାତକୁ ଛତା ଓ ଆଉ ଜଣେ କାଖ ତଳେ ଜାକି ଆଣିଥିବା ଶୁଖିଲା ଗାମୁଛା ବଢ଼େଇ ଦେଲାବେଳେ ଗୋପାଳ ମଧ୍ୟ ବଢ଼େଇ ଦେଇଥିଲା ପୁରି ଡ଼ାଲମା ବନ୍ଧା ଗାମୁଛା। ସମସ୍ତେ ଖୁସି ହୋଇ ଖାଇଥିଲେ କୁଡ଼ିଆ ଭିତରେ । ରାତିରେ ଗୋପାଳ ଭାବୁଥିଲା ବାପା କି ତା ସ୍ତ୍ରୀ ତାକୁ ଟଙ୍କା କାହିଁକି ମାଗିଲେନି କେଜାଣି ଆଜି!

ସାକ୍ଷୀଗୋପାଳ, ପୁରୀ
ମୋ:୯୦୪୦୯୭୭୩୨୭



# ଭିନ୍ନ ଏକ ରାଣୀ ମିଶ୍ରର କାହାଣୀ

ସ୍ନିଗ୍ଧା ଜି. ମିଶ୍ର






ଅର୍ପିତା ପ୍ରୋମସନ ପାଇ ଇନ୍ଦିରା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଥାନ୍ତି ।ବିଦ୍ୟାଳୟଟି ତାଙ୍କ ଘରୁ ପ୍ରାୟ 50 କି.ମି ହେବ । ଯାତାୟତ ପାଇଁ ଭଲ ରାସ୍ତା ଥିବାରୁସେ ପ୍ରତିଦିନ ଆଉ କେତେଜଣ ବରିଷ୍ଠ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କ ସହ କାରରେ ଯାନ୍ତି । ଏମିତି ଯିବା ଆସିବା ଭିତରେ ସେ ସମ୍ପର୍କରେ ବାନ୍ଧି ହୋଇଗଲେ ।କାର ଯାଉଥିବା ଶିକ୍ଷକ ମାନେ ତାଙ୍କୁ ଦିଦି ନ ଡାକି ଅପା ବୋଲି ଡାକିବାକୁ ଲାଗିଲେ । ସେମାନେ ସମସ୍ତେ ତାଙ୍କ ଠାରୁ ବୟସରେ ବହୁତ ଛୋଟ । ଏଣୁ ଅର୍ପିତା ମଧ୍ୟ ଏ ମଧୁର ଡାକରେ ବେଶ ଆନନ୍ଦ ଅନୁଭବ କରନ୍ତି ।ଏ ସାନ ଭାଇମାନଙ୍କ ପାଇଁ ତାଙ୍କ ସ୍ୱାମୀ ମଧ୍ୟ ଅତିରିକ୍ତ ନେବା ଆଣିବା ଦାୟିତ୍ୱରୁ ମୁକ୍ତି ପାଇ ଯାଇଥାନ୍ତି । କାରରେ ଗଲା ବେଳେ ସେଇ ଭାଇ ମାନେ ଅନେକ କଥା ଗପନ୍ତି କେବେ ପିଲା ବେଳର, କେବେ କଲେଜ ଜୀବନ, କେବେ ବାହାଘର କେବେ କରିଥିବା ଦୁଷ୍ଟାମୀ,କେବେ ପୁଣି ଦୁଷ୍ଟାମୀ କରି ଧରା ପଡ଼ିଥିବା ଏମିତି କେତେ କଥା । ଅର୍ପିତା ଶ୍ରୋତା ଏବଂ ତାଙ୍କର ନ୍ୟାୟ-ଧୀଶ ଯେମିତି । ଏମିତି ହସ ଖୁସି ରେ ଯାଇ ଦୈନିକ ଯାତ୍ରାର ପୀଡାକୁ ସଭିଏଁ ପାଶୋରି ଦିଅନ୍ତି ।

ସେମାନେ ଯେଉଁ ପଥ ଦେଇ ଯାଉଥିଲେ ଗୋଟେ ଚେକ ଗେଟ ପଡେ । ସେ ଚେକ ଗେଟ ନିକଟରେ କିଛି କିନ୍ନର ନିଜକୁ ସଜାଇ ହୋଇ ଟଙ୍କା ମାଗନ୍ତି । ଅର୍ପିତା ଏବଂ ତାଙ୍କ ଭାଇମାନେ ଭେଟ ହେଲେ କିଛି ନା କିଛି ଟଙ୍କା ଦିଅନ୍ତି । ତାଙ୍କ କାର ରଙ୍ଗ ନାଲି ହୋଇଥିବାରୁ କିନ୍ନରମାନେ ତାଙ୍କୁ ଦୂରରୁ ଜାଣି ପାରନ୍ତି ବେଳେ ବେଳେ ମାଗନ୍ତି ନାହିଁ ମଧ୍ୟ । ଏକଦା ସେଇ ଚେକ ନିକଟରେ ଏତେ ସୁନ୍ଦର କିନ୍ନର ଟିଏ ଦେଖିଲେ ଯେ ସେ ଯେ କୌଣସି ଅତି ସୁନ୍ଦରୀ ନାରୀଙ୍କୁ ପଛରେ ପକାଇ ଦେବ । ସେ କଣ ଗାଡି ଅଟକାଇବ? ଗାଡି ରହି ଯାଏ ତା' ପାଖରେ । ଅର୍ପିତା ତା'ର ମନ୍ତ୍ର ଉଚ୍ଚାରଣ, ନମ୍ରତା, ଆଚରଣ ରେ ପୁରା ମୁଗ୍ଧ ହୋଇ ଯାଇଥିଲେ । ଥରେ ଅର୍ପିତା

ତାକୁ ଟଙ୍କା ଦେଇ ମୁଦ୍ରା ଟିଏ ନେବା ବେଳେ ତା ନାମ ପଚାରିଥିଲେ ସେ କହିଥିଲା ରାଣୀ ମିଶ୍ର । ମନେ ମନେ ଈଶ୍ବରଙ୍କୁ କହନ୍ତି ଏ କି ବିଚାର ପ୍ରଭୁ ।

ଚେକ ଗେଟ ପହଞ୍ଚିଲେ ତାଙ୍କ ଆଖି ଖୋଜି ବୁଲେ ତାକୁ । ସବୁଦିନ ତାକୁ କିଛି ଦେବାରେ ସେ କିମ୍ବା ତାଙ୍କ ଭାଇ ମାନେ କେବେ କାର୍ପଣ୍ୟ ପ୍ରକାଶ କରନ୍ତି ନାହିଁ । ଅର୍ପିତାଙ୍କ ଭାଇ ମାନେ ଯାତ୍ରା ପ୍ରିୟ । ବିଦ୍ୟାଳୟ ଛୁଟି ଥାଏ ସେମାନେ ଯାତ୍ରା ଦେଖିବାକୁ ଯାଇଥାନ୍ତି । ସେଇଠି ଦେଖିଥିଲେ ସେମାନେ ରାଣୀ ମିଶ୍ରର ବଦାନ୍ୟତା । ଷ୍ଟେଜକୁ ଯାଇ ବାରମ୍ବାର ନିଜ ତରଫରୁ ପୁରସ୍କାର ରାଶି ଘୋଷଣା କରି ଦେଉଥାନ୍ତି ଯାତ୍ରା କଳାକାରଙ୍କୁ । ଏକଥା ଶୁଣିବା ପରେ ଅର୍ପିତା ଆଉ ଟିକିଏ ତରଳି ଯାଇଥାନ୍ତି ତା ପ୍ରତି ।କିନ୍ନର ମାନଙ୍କ ଏକ ସଙ୍ଘ ଥାଏ । ସେମାନେ ଅଦଳ ବଦଳ ହୋଇ ଯାନ୍ତି । ଟିକିଏ ବେଶୀ ଦିନ ନ ଦେଖିଲେ ରାଣୀ କେବେ ଆସିବ ତାର କୋଟା କେବେ ପୁରିବ ଅନ୍ୟ ସ୍ଥାନରେ ଭାଇ ମାନଙ୍କୁ ପଚାରନ୍ତି । ଭାଇ ମାନେ ହସନ୍ତି କହନ୍ତି ଆମ ଅପା ରାଣୀ ମିଶ୍ର ର ଦିବାନି.. ପ୍ରକୃତରେ ତା ପ୍ରତି ଏକ ମାୟା ଲାଗିଯାଇଥିଲା ଅର୍ପିତାଙ୍କର । ରାଣୀ ମିଶ୍ରର ରୋଜଗାର ଅନ୍ୟ କିନ୍ନରଙ୍କ ଠାରୁ ଢେର ଅଧିକ ।

ସେ ଯେଉଁ ସ୍ଥାନରେ ଭଡା ରହିଥିଲା ସେ ସ୍ଥାନରେ ମଧ୍ୟ ଭାରି ଲୋକପ୍ରିୟ ହୋଇ ଯାଇଥିଲା ।ସମସ୍ତଙ୍କୁ ସାହାଯ୍ୟ କରିବା ବିପଦ ସମୟରେ ଛିଡା ହେବା, ଅନ୍ୟାୟ ବିରୋଧରେ ଛିଡା ହେବା ଏସବୁ ତାର ସହଜାତ ପ୍ରବୃତ୍ତି ଥିଲା ଏଣୁ । ଅନ୍ୟ କିନ୍ନର ମାନେ ତାକୁ ଇର୍ଷା କରିବାକୁ ଲାଗିଲେ । ଥରେ ଏମିତି ଗଣ୍ଡଗୋଳ ହୋଇ ରକ୍ତାକ୍ତ ସଂଘର୍ଷ ହୋଇ ଗଲା ।ଶେଷରେ ଜଣା ପଡିଲା ରାଣୀ ମିଶ୍ର ଜଣେ ପୁଅ ।ଉଚ୍ଚ ଶିକ୍ଷିତ ବ୍ରାହ୍ମଣ ଘରର ପୁଅ ।ବେକାରୀ ଯେ ଏହାର ମୁଖ୍ୟ କାରଣ ଏହା ବୁଝିବାକୁ ଆଉ ବାକି ରହିଲାନି । ଅନେକ ଚାକିରୀ ଟଙ୍କା କାରବାର ଯୋଗୁଁ ସେ ପାଇ ନଥିଲେ । ମା କର୍କଟରେ ଶଯ୍ୟାଶାୟୀ, ପିଲାମାନଙ୍କ ପାଠ ପଢା, ଋଣ ସୁଝିବାକୁ ଯାଇ ଅର୍ଣ୍ଣବ ମିଶ୍ର ରୁ ରାଣୀ ମିଶ୍ର ହୋଇଥିଲା । କିନ୍ତୁ ଏବେ ବି ଅର୍ପିତା ସେ ରାଣୀ ମିଶ୍ରଙ୍କୁ ଖୋଜି ବୁଲନ୍ତି ।

ବାରିପଦା
ମୋ: ୯୪୩୭୬୧୫୨୨୧



# ଭୁଲାମନ

ଅଜୟ କୁମାର ମହାନ୍ତି



ସୁଶୀଲ ବାବୁ ସକାଳୁ ସକାଳୁ ପହଞ୍ଚିଗଲେ ମାଛ ମାର୍କେଟ । ବଜାଜ୍ ସ୍କୁଟରକୁ ବାହାରେ ରଖିଦେଇ ଭିତରକୁ ପଶିଲେ । ଗାଡିର ଚାବି ଘରେ ଛାଡି ଦେଇ ଆସିଛନ୍ତି । ଆଜିକାଲି ମନେରହୁ ନାହିଁ କିଛି ତାଙ୍କର । ହଁ, ଏ ଧତଡା ଗାଡିକୁ କିଏ ପଚାରେ । ନିଜ ମନକୁ ଶାନ୍ତ୍ୱନା ଦେଲେ । କିଛି ବାଟ ଗଲାପରେ ପଛକୁ ଫେରି ଚାହିଁଲେ, ନା କେହି ନାହାନ୍ତି । ଯୋଉ ଚୋର ଏ ଗାଡି ଚୋରି କରିବା ପାଇଁ ଆସିବ ନିଶ୍ଚୟ ନିକମା ଚୋର ହୋଇଥିବ । ମାଛ ମାର୍କେଟରେ ପଶି ଛିଡା ହୋଇଗଲେ । ଭୁଲିଗଲେ ତାଙ୍କୁ କେଉଁ ମାଛ ଆଣିବାକୁ କୁହାଯାଇଛି । ରୋହି ନା ଭାକୁର ନା ଚିଙ୍ଗୁଡି । କାନମୂଳ ଆଉଁସିଲେ, ଆଙ୍ଗୁଳିରେ ନାକ ଧୀରେ ଧୀରେ ଘଷିଲେ, ଓଠ ଚିପିଲେ, ନା କିଛି ମନେ ପଡୁନାହିଁ । ସୁଶୀଳା ବାରମ୍ବାର ଧମକି ଦେଇ କହିଛନ୍ତି, ପଚା ମାଛ ଆଣିଲେ ଫେରେଇଦେବେ । ସୁଶୀଳା ହାବୁଡରୁ ଖସିବା ଏତେ ସହଜ ନୁହେଁ । ଛାତି ଦକଦକ ହେଲା । ସୁଶୀଲବାବୁ ଡରି ଗଲେ, ଢ଼ୋକ ଗିଳିଲେ । ହଉ ଦେଖାଯିବ । ବାହାରକୁ ଆସି ସ୍କୁଟରକୁ ଦେଖି ଆସିଲେ । ଚାଲୁଚାଲୁ ଚି-ହ୍ନା ମାଛ ଦୋକାନ ପାଖରେ ପହଞ୍ଚି ଗଲେ । ଟିକିଏ ଗମ୍ଭୀର ସ୍ୱରରେ ମାମଲତକାର ଭଙ୍ଗୀରେ, ଅଣ୍ଟାରେ ହାତ ଦେଇ ପଚାରିଲେ – "ଗୋବିନ୍ଦ ! ମାଛ କେତେ ଭାଉ ଅଛିରେ ଆଜି ?" ସାମାନ୍ୟ ଦାଦାଗିରି ଭଳି କଥା ନକହିଲେ ଏମାନେ ଖାତିର୍ କରିବେ ନାହିଁ । ଗୋବିନ୍ଦ କହିଲା – "ସାର୍, ଭାକୁର ମାଛ କିଲୋ ଅଢେଇଶହ, ରୋହି କିଲୋ ଦୁଇଶହ ଓ ଚିଙ୍ଗୁଡି କିଲୋ ଚାରିଶହ ।"

ସୁଶୀଲ ବାବୁ କହିଲେ – "ଆଚ୍ଛା, ଆଚ୍ଛା, ଭଲ ମାଛ ଦେବୁତ" ।

ଗୋବିନ୍ଦ ପଚାରିଲା – "ସାର୍, କି ମାଛ ଦେବି ?"

ସୁଶୀଲ ଚିନ୍ତାରେ ପଡିଗଲେ । ଗୋବିନ୍ଦ ଜାଣି ପାରିଲା । ମୁରୁକି ହସି ପଚାରିଲା – "ମଉସା, କୁହନ୍ତୁ କେଉଁ ମାଛ ନେବେ" । ସୁଶୀଲ ଚିହିଁକି ଉଠିଲେ । ଶଳା ସାଙ୍ଗେସାଙ୍ଗେ ସାର୍‌ରୁ ମଉସାକୁ ଓହ୍ଲେଇଲାଣି ।

ସୁଶୀଲ ନିଜକୁ ସମ୍ଭାଳି ନେଲେ । କହିଲେ – "କିଲେ ରୋହି ମାଛ ଦେ" । ଗୋବିନ୍ଦ ମାଛର ନାଭି ଦେଖେଇଲା, ଗାଲି ଦେଖେଇଲା "ଦେଖନ୍ତୁ ନାଭି କେମିତି ସଜ ଗୋଲାପ ପରିକା ଚକ୍‌ଚକ୍ କରୁଛି" ।

ଗୋବିନ୍ଦ ମାଛ କାଟିଲା । ମାଛ କାଟିଲା ମାତ୍ରେ ପିଚ୍ ପିଚ୍ ରକ୍ତ ବାହାରିଲା । କହିଲା – "ଏକ ନମ୍ବର ଖାସି ଆଜ୍ଞା" । ସୁଶୀଲ ମାଛ ଧରି ଏକ ମୁହାଁ ହୋଇ ଘରେ ପହଞ୍ଚିଗଲେ । ବାହାରୁ ଗେହ୍ଲେଇ ଗେହ୍ଲେଇ ଡାକ ଦେଲେ – "ସୁଶୀଳା ବାହାରକୁ ଟିକେ ଆସ ତ, ମାଛ ନେଇଯାଅ ଘରକୁ"। ସୁଶୀଳା ବାହାରକୁ ଆସିଲେ । ମାଛ ପୁଟୁଳା ସାଙ୍ଗେସାଙ୍ଗେ ଖୋଲି ପକେଇଲେ । କହିଲେ – "ତୁମକୁ ଆଉ ପାରିହେବନି । ଚିଙ୍ଗୁଡିମାଛ ଆଣିବାକୁ କହିଥିଲି ତୁମକୁ । ନାତୁଣୀ ସେଣେ ଅନେଇ ବସିଛି ଚିଙ୍ଗୁଡି ଭଜା ଖାଇବାକୁ, ତମେ ଆଣିଛ ରୋହି । ଧନ୍ୟବାଦ ତୁମକୁ" ।

ମିଛ ଧନ୍ୟବାଦ ଟା ପାଇ ସୁଶୀଲ ବାବୁ ନଥକରି ଚେୟାରରେ ବସି ପଡିଲେ ।

କଳିଙ୍ଗ ବିହାର, ରାଉରକେଲା
ମୋ:୭୯୭୮୫୬ ୫୦୭୦

# ବ୍ରହ୍ମାଙ୍କ ରୁଦ୍ରଶିର ନାମ ଓ ମେଘର ଉତ୍ପତ୍ତି

ପ୍ରତିମା ପାତ୍ର



ଯାହା ହୋଇ ସାରିଛି ହେଉଛି ଏବଂ ଆଗକୁ ହେବ ସବୁକିଛି ପରମେଶ୍ୱରଙ୍କ ନିର୍ଦ୍ଦେଶରେ ହୋଇଥାଏ । ତାଙ୍କ ଚରଣରେ ମନକୁ ସ୍ଥିର କରି ସେହି ଜଗତର ପିତା ଏବଂ ମାତାଙ୍କ କିଛି ଅଦ୍ଭୁତ ଲୀଳା ଜାଣିବା ଆସନ୍ତୁ । ଶିବ ଓ ସତୀଦେବୀଙ୍କ ବିବାହ ସମୟରେ ବ୍ରହ୍ମଦେବ ଆଚାର୍ଯ୍ୟ ରୂପରେ ବେଦିରେ ବିରାଜିତ ହୋଇ ବିବାହ କାର୍ଯ୍ୟ ପ୍ରାରମ୍ଭ କରିଲେ । ସେହି ସମୟରେ ଏକ ଅଦ୍ଭୁତ ଘଟଣା ଘଟିଲା । ଶିବଙ୍କ ମାୟା ବଡ ଦୁର୍ବୋଧ , ସେହିମାୟା ଦେବ ଅସୁର ଏବଂ ମନୁଷ୍ୟ ସହିତ ଏହି ଚରାଚର ଜଗତକୁ ପୂର୍ଣ୍ଣ ରୂପରେ ମୋହିତ କରି ରଖିଛି । ପୂର୍ବରେ ବ୍ରହ୍ମଦେବ ଈର୍ଷା ପରାୟଣ ହୋଇ ଅନେକ ଚେଷ୍ଟା କରି ମଧ ମହାଦେବଙ୍କୁ ମୋହିତ କରିପାରି ନଥିଲେ । ସେହି ଶିବ ନିଜର ସାମାନ୍ୟ ଲୀଳାରେ ବ୍ରହ୍ମଦେବଙ୍କୁ ମୋହିତ କରିଦେଲେ । ଯିଏ ଅନ୍ୟର ଅପକାର କରିବାକୁ ଇଚ୍ଛାକରେ, ପ୍ରଥମେ ତା'ନିଜର ଅପକାର ହୋଇଥାଏ । ଏହି ସତ୍ୟକୁ ଜାଣି କୌଣସି ବ୍ୟକ୍ତି କେବେ କାହାର ଅପକାର କରିବା ଉଚିତ ନୁହେଁ। ବିବାହ ସମୟରେ ମହାଦେବ ଓ ଦେବୀ ସତୀ ଯଜ୍ଞକୁଣ୍ଡ ଚତୁର୍ପାର୍ଶ୍ବରେ ବୁଲି ପ୍ରଦକ୍ଷିଣ କରୁଥିଲେ , ସେହି ସମୟରେ ଦେବୀ ସତୀଙ୍କ ଦୁଇଚରଣ ବସ୍ତ୍ରରୁ ବାହାରକୁ ବାହାରି ଆସିଲେ । ସୁନ୍ଦର କମଳ ସଦୃଶ ଚରଣ ଯୁଗଳ ଉପରେ ବ୍ରହ୍ମାଙ୍କ ଦୃଷ୍ଟି ପଡିଲା । ସତୀ ଦେବୀଙ୍କ ଚରଣ ଯୁଗଳ ଉପରେ ଦୃଷ୍ଟି ପଡିବାକ୍ଷଣି ବ୍ରହ୍ମଦେବ ମୋହିତ ହୋଇ ଦେବୀଙ୍କ ଅନ୍ୟ ଅଙ୍ଗକୁ ଦେଖିବାକୁ ଚେଷ୍ଟା କଲେ । ବ୍ରହ୍ମଦେବ ସତୀ ଦେବୀଙ୍କ ଅଙ୍ଗମାନଙ୍କୁ ଯେତେ ଯେତେ ଉତ୍ସାହର ସହିତ ଦେଖୁଥିଲେ ସେତେ ସେତେ ତାଙ୍କ ମନ ଆନନ୍ଦିତ ହୋଇ କାମାର୍ତ୍ତ ହେଉଥିଲା । ପତିବ୍ରତା ଦକ୍ଷପୁତ୍ରୀକୁ ଦେଖି କାମାସକ୍ତ ହୋଇ ବ୍ରହ୍ମଦେବ ଦେବୀଙ୍କ ମୁଖଦର୍ଶନ କରିବା ନିମନ୍ତେ ବ୍ୟଗ୍ର ହୋଇଗଲେ କିନ୍ତୁ ଶିବ ଏବଂ ସମସ୍ତ ଦେବତାମାନଙ୍କ ଉପସ୍ଥିତିରେ ଓଢଣାରେ ଢାଙ୍କିହୋଇ ରହିଥିବା ଦେବୀଙ୍କ ମୁଖକୁ କିପରି ଦର୍ଶନ କରିବେ ବିଚାର କରିଲେ । ଏହି ସମୟରେ ବ୍ରହ୍ମଦେବଙ୍କୁ ଏକ ଉପାୟ ଦେଖାଗଲା, ସେ ଯଜ୍ଞକୁଣ୍ଡ ଭିତରେ ବହୁତ ଗୁଡାଏ ଓଦା ହୋମକାଠ ପକାଇ ଦେଲେ । ଜଳୁଥିବା ଅଗ୍ନିକୁଣ୍ଡରେ ଓଦା ହୋମକାଠ ପଡିବା ଯୋଗୁଁ କୁଣ୍ଡରୁ ଧୂଆଁ ବାହାରିଲା । ଆସ୍ତେ ଆସ୍ତେ ସେହି ଧୂଆଁ ଚାରିଆଡେ ବ୍ୟାପିଯାଇ ଚତୁର୍ଦ୍ଦିଗ ଧୂମ୍ରମୟ ହୋଇଗଲା । ବିବାହ ସ୍ଥଳରେ ଉପସ୍ଥିତ ଥିବା ସମସ୍ତ ଦେବତା ଆଖି ବନ୍ଦ କରିଦେଲେ । ଯଜ୍ଞକୁଣ୍ଡ ପ୍ରଦକ୍ଷିଣ କରୁଥିବା ସତୀ ଦେବୀଙ୍କ ସହିତ ମହାଦେବ ଧୂଆଁର ଜ୍ୱାଳା ଯୋଗୁଁ ନିଜର ନେତ୍ର କମଳ ବନ୍ଦ କରିଦେଲେ । ସମୟର ଅପେକ୍ଷାରେ ରହିଥିବା ବ୍ରହ୍ମଦେବ ସେହି କ୍ଷଣି ନିଜ ଆସନରୁ ଉଠି ସତୀଦେବୀଙ୍କ ମୁଖରେ ଢାଙ୍କିହୋଇ ରହିଥିବା ଓଢଣା ଉଠାଇ ସହସ୍ର ଚନ୍ଦ୍ରମା ସମାନ ଦିବ୍ୟଜ୍ୟୋତି ଉତ୍ପନ୍ନ ହେଉଥିବା ମୁଖମଣ୍ଡଳକୁ କାମାସକ୍ତ ହୋଇ ସଂଦର୍ଶନ କଲେ । ଦେବୀଙ୍କ ସୌନ୍ଦର୍ଯ୍ୟ ପୂର୍ଣ୍ଣ ମୁଖମଣ୍ଡଳ ଦର୍ଶନ କରି ବ୍ରହ୍ମଦେବ ଇନ୍ଦ୍ରିୟ ବିକାର ଯୁକ୍ତ ହୋଇ ତାଙ୍କ ଶରୀରରୁ ତେଜ ସ୍ଖଳିତ ହେଲା ଯାହା ବେଦି ଉପରେ ପଡିଲା । ତାଙ୍କ ଶରୀର ଅବଶ ହୋଇଗଲା, ସେ ମୌନହୋଇ ନିଜ ଆସନରେ ବସିଗଲେ । ବ୍ରହ୍ମଦେବଙ୍କ ଏହି କୁକର୍ମ ମହାଦେବ ନିଜର ଦିବ୍ୟ ଦୃଷ୍ଟିରେ ଦେଖି ଅତ୍ୟନ୍ତ

କ୍ରୋଧିତ ହୋଇ କହିଲେ--- ରେ ପାପୀ , ତୁମ୍ଭେ ଏହିପରି କୁତ୍ସିତ କାର୍ଯ୍ୟ କାହିଁକି କରିଲ ? ବିବାହ ସମୟରେ କାମାତୁର ହୋଇ ଆମ୍ଭ ପତ୍ନୀର ମୁଖ ଦର୍ଶନ କରିଲ । ତୁମ୍ଭେ ଭାବୁଛ ଶଙ୍କର ତୁମ୍ଭର କୁକର୍ମକୁ ଜାଣି ପାରିବେ ନାହିଁ । ହେ ବ୍ରହ୍ମା ! ଏହି ତ୍ରିଲୋକରେ କୌଣସି ଘଟଣା ଆମ୍ଭକୁ ଅଜ୍ଞାତ ହୋଇ କେବେ ରହି ନାହିଁ। ତେବେ ଏହି ଘଟଣା କିପରି ଲୁଚି ରହିଯିବ ? ରେ ମୂଢ ! ଯେପରି ରାଶିର ସବୁ ଅବୟବରେ ତେଲ ରହିଥାଏ ଠିକ୍ ସେହିପରି ତ୍ରିଲୋକରେ ଯାହା କିଛି ସ୍ଥାବର ଅସ୍ଥାବର ରହିଛି ସେଥିରେ ମୁଁ ରହିଥାଏ କହି, ତ୍ରିଲୋଚନ ବ୍ରହ୍ମଦେବଙ୍କୁ ଭର୍ତ୍ସନା କରି ତ୍ରିଶୂଳ ଉଠାଇ ମାରିବାକୁ ଉଦ୍ୟତ ହେଲେ । ଏହି ଘଟଣା ଦେଖି କ୍ଷଣକରେ ଚତୁର୍ଦ୍ଦିଗରେ ହାହାକାର ଖେଳିଗଲା । ସେଠାରେ ଉପସ୍ଥିତ ଥିବା ଦେବତା ଏବଂ ମୁନିଋଷିମାନେ ମହାଦେବଙ୍କୁ ସ୍ତୁତିକରି କହିଲେ, ହେ ଦେବଦେବ! ହେ ମହାଦେବ ! ହେ ଶରଣାଗତବତ୍ସଳ! ହେ ଈଶ! ଆପଣ ବ୍ରହ୍ମଦେବଙ୍କୁ ରକ୍ଷା କରନ୍ତୁ । ହେ ମହେଶ୍ୱର କୃପା କରନ୍ତୁ । ଆପଣ ଏହି ସଂସାରର ପିତା ଏବଂ ଦେବୀସତୀ ଜଗତର ମାତା ଅଟନ୍ତି । ହେ ସୁରପ୍ରଭୁ ! ବିଷ୍ଣୁ ବ୍ରହ୍ମା ଆଦି ସବୁ ଦେବଗଣ ଆପଣଙ୍କର ଦାସ ଅଟନ୍ତି। ଆପଣଙ୍କର ଆକୃତି ଓ ଲୀଳା ଅଦ୍ଭୁତ ଅଟେ । ସେହି ଲୀଳା ଆପଣଙ୍କର ଭକ୍ତିଚ୍ୟୁତ ହେବା ବ୍ୟକ୍ତିକୁ କ୍ଷଣକରେ ମୋହିତ କରିଦିଏ । ସେହି ସମୟରେ ଦକ୍ଷପ୍ରଜାପତି ମହାଦେବଙ୍କ ନିକଟକୁ ଆସି ନିଜ ପିତାଙ୍କ ଜୀବନ ରକ୍ଷା ନିମନ୍ତେ କହିଲେ -- ମାର ନାହିଁ, ମାର ନାହିଁ।

ଦକ୍ଷଙ୍କୁ ଦେଖି ମହାଦେବ କୁପିତ ହୋଇ କହିଲେ , ବ୍ରହ୍ମା କାମନା ଯୁକ୍ତ ହୋଇ ସତୀକୁ କାହିଁକି ଦେଖିଲେ ? ଇଏ ଅତ୍ୟନ୍ତ ଘୃଣିତ କାର୍ଯ୍ୟ କରିଛନ୍ତି ତେଣୁ ଏହାଙ୍କୁ ମୁଁ ନିଶ୍ଚୟ ମାରିବି । ମହାଦେବଙ୍କ ଆରକ୍ତ ନେତ୍ରଦ୍ୱଇ ଏବଂ ଉଠିଥିବା ତ୍ରିଶୂଳ ଦେଖି ଭୟରେ କମ୍ପିଲେ ଉପସ୍ଥିତ ଥିବା ଦେବତା ମୁନି ଓ ଅନ୍ୟଜୀବଗଣ । ସମସ୍ତଙ୍କ ମୁଖରେ କେବଳ ଗୋଟିଏ ଶବ୍ଦ ବାହାରିଲା ରକ୍ଷାକର । ଏହି ସମୟରେ ଭଗବାନ ବିଷ୍ଣୁ ମହାଦେବଙ୍କ ସମ୍ମୁଖକୁ ଆସି ଶିବଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଅନେକ ସ୍ତୁତି ଗାନ କରି କହିଲେ, ହେ ଭୂତେଶ ! ଆପଣଙ୍କ ହୃଦୟ ସର୍ବଦା କରୁଣାରେ ପୂର୍ଣ୍ଣ ହୋଇରହିଥାଏ । ଶରଣାଗତକୁ ସର୍ବଦା ଆପଣ ରକ୍ଷା କରିଥାନ୍ତି। ହେ ନାଥ! ମୋର କଥା ଶୁଣନ୍ତୁ । ଚତୁରାନନ ବ୍ରହ୍ମା ସୃଷ୍ଟି କରିବା ନିମନ୍ତେ ଉତ୍ପନ୍ନ ହୋଇଛନ୍ତି। ବ୍ରହ୍ମାଙ୍କୁ ମାରିଦେଲେ , ପ୍ରଜା ସୃଷ୍ଟି କରିବା ନିମନ୍ତେ ଆଉ କେହି ନାହାଁନ୍ତି। ହେ ଶମ୍ଭୁ ! ଆପଣଙ୍କ ଆଜ୍ଞାରେ ଆମ୍ଭେ ତ୍ରିଦେବ ସୃଷ୍ଟି, ସ୍ଥିତି ଓ ସଂହାର କାର୍ଯ୍ୟ କରୁଛୁ । ହେ ଶିବ! ବ୍ରହ୍ମାଙ୍କ ବଧ କରିଦେଲେ ଆପଣଙ୍କ କାର୍ଯ୍ୟ କିଏ ସମ୍ପାଦନ କରିବ । ତେଣୁ ହେ ବିଭୁ ! ଆପଣ ଏହି ସୃଷ୍ଟିକର୍ତ୍ତାଙ୍କୁ ମାରନ୍ତୁ ନାହିଁ। ବ୍ରହ୍ମଦେବଙ୍କ ହିଁ ଶତଚେଷ୍ଟା ଦ୍ୱାରା ସତୀଦେବୀ ଆପଣଙ୍କ ପତ୍ନୀ ହେଲେ । ଜଗତର କଲ୍ୟାଣ ନିମନ୍ତେ କ୍ରୋଧ ତ୍ୟାଗ କରି ବିବାହର କାର୍ଯ୍ୟ ସମ୍ପନ୍ନ କରନ୍ତୁ । ଭଗବାନ ବିଷ୍ଣୁଙ୍କର ନିବେଦନ ଗ୍ରହଣ କରି ଜଗତ କଲ୍ୟାଣ ନିମନ୍ତେ ମହାଦେବ କହିଲେ , ହେ ବ୍ରହ୍ମଦେବ ! ନିର୍ଭୟ ହୋଇଯାଅ । ମୁଁ ଆପଣଙ୍କୁ ବଧ କରୁନାହିଁ। ଆପଣ ନିଜର ହସ୍ତରେ ନିଜର ମସ୍ତକକୁ ସ୍ପର୍ଶ କରନ୍ତୁ । ବ୍ରହ୍ମଦେବ ମହାଦେବଙ୍କ ବଚନ ଅନୁଯାୟୀ ନିଜର ମସ୍ତକ ସ୍ପର୍ଶ କରିଲେ । ସ୍ପର୍ଶ କରିବା କ୍ଷଣି ବ୍ରହ୍ମ ଦେବଙ୍କ ଗୋଟିଏ ଶିର ମହାଦେବଙ୍କ ଶିରରେ ପରିଣତ ହୋଇଗଲା । ନିଜର ମସ୍ତକ ବଦଳରେ ମହାଦେବଙ୍କ ମସ୍ତକ ଧାରଣ କରିଥିବା ଯୋଗୁଁ ବ୍ରହ୍ମଦେବ ଲଜ୍ୟାରେ ମଥାନତ କରି ଠିଆହେଲେ । ଦେବତାମାନେ ଆଶ୍ଚର୍ଯ୍ୟର ସହିତ ବ୍ରହ୍ମଦେବଙ୍କୁ ଦେଖିଲେ । ବ୍ରହ୍ମଦେବ ପ୍ରଣାମ କରି ଲଜ୍ଜାର ସହିତ କହିଲେ , ହେ ଉମାପତି ! ହେ ପ୍ରଭୁ ! ଏହି ପାପରୁ ମୁକ୍ତି ନିମନ୍ତେ ପ୍ରାୟଶ୍ଚିତ ଏବଂ ଉଚିତ୍ ଦଣ୍ଡ ଦିଅନ୍ତୁ ଯାହାଦ୍ୱାରା ମୋର ପାପ ଦୂର ହୋଇଯିବ । ମହାଦେବ କହିଲେ , ହେ ବ୍ରହ୍ମଦେବ! ମୋର ରୂପ

ଧାରଣ କରି ପ୍ରସନ୍ନ ହୋଇ ତୁମ୍ଭେ ତପସ୍ୟା କର । ଆଜିଠାରୁ ତୁମ୍ଭର ଆଉ ଏକ ନାମ "ରୁଦ୍ରଶିର" ରୂପରେ ପୃଥିବୀରେ ପ୍ରସିଦ୍ଧ ହେବ । ତୁମ୍ଭେ କାମର ବଶୀଭୂତ ହୋଇ ବୀର୍ଯ୍ୟପାତ କରିଲ, ତାହା ସାଧାରଣ ମନୁଷ୍ୟଙ୍କ କାର୍ଯ୍ୟ। ତେଣୁ ମାନବ ରୂପରେ ପୃଥୀବିରେ ବିଚରଣ କର । ଲୋକମାନେ ତୁମ୍ଭର କୁକର୍ମ ଯେତେ ଯେତେ ବର୍ଣ୍ଣନା କରିବେ ସେତେ ସେତେ ତୁମ୍ଭେ ଶୁଦ୍ଧି ହୋଇଯିବ । ଲୋକଙ୍କ ଦ୍ୱାରା ନିନ୍ଦା ଏବଂ ଉପହାସ ହିଁ ତୁମ୍ଭ କର୍ମର ପ୍ରାୟଶ୍ଚିତ। ବେଦି ମଧ୍ୟରେ ତୁମ୍ଭର ତେଜ ପଡିଛି, ତାହା ପ୍ରଳୟଙ୍କରୀ ମେଘ ରୂପ ଧାରଣ କରିବ । ମହାଦେବଙ୍କ ବଚନ ଅନୁଯାୟୀ ସଙ୍ଗେ ସଙ୍ଗେ ବେଦିରୁ ସଂବର୍ତ୍ତ, ଆବର୍ତ୍ତ, ପୁଷ୍କର ଓ ଦ୍ରୋଣ ନାମକ ଚାରି ପ୍ରକାରର ମେଘ ଉତ୍ପନ୍ନ ହୋଇ ଆକାଶରେ ଘୋଟିଯାୟୀ ଗର୍ଜନ କରି ଧୀରେ ଧୀରେ ଜଳ ସିଞ୍ଚନ କରିଲେ । ମେଘଙ୍କ ବୃଷ୍ଟିପାତରେ ସମସ୍ତଙ୍କ ମନ ଶାନ୍ତ ହୋଇଗଲା । ଦେବାଧିଦେବଙ୍କ ଆଜ୍ଞାରେ ବ୍ରହ୍ମଦେବ ବିବାହର ବାକି କାର୍ଯ୍ୟ ପୂରଣ କରିଲେ । ବିବାହ ସମ୍ପନ୍ନ ହେବା ପରେ ମହାଦେବ ପ୍ରସନ୍ନ ହୋଇ କହିଲେ ହେ ବ୍ରହ୍ମଦେବ! ଆପଣ ଲୌକିକ ରୀତିରେ ବିବାହ କାର୍ଯ୍ୟ ସମ୍ପନ୍ନ କରିଛନ୍ତି କୁହନ୍ତୁ ଆପଣଙ୍କୁ କେଉଁ ଦକ୍ଷିଣା ଦେବି ? ବ୍ରହ୍ମଦେବ କହିଲେ, ହେ ଶଙ୍କର ଯଦି ଆପଣ ମୋ ଉପରେ ପ୍ରସନ୍ନ ଅଛନ୍ତି ତେବେ ଆପଣ ଉମାପତି ରୂପରେ ଏହି ବେଦିରେ ବିରାଜିତ ହୁଅନ୍ତୁ , ଯାହାକୁ ଦର୍ଶନ କରି ମାନବ ସମାଜ ନିଜର କୃତକର୍ମରୁ ମୁକ୍ତ ହୋଇଯିବ । ଏବଂ ସେହି ଲିଙ୍ଗ ନିକଟରେ କୁଟୀର ତିଆରି କରି ମୁଁ ତପସ୍ୟା କରିବି । ଆଜିର ପବିତ୍ର ଦିନରେ (ଚୈତ୍ରମାସର ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ପୂର୍ବାଫାଲ୍ଗୁନୀ ନକ୍ଷେତ୍ର ରବିବାର ଦିନ ) ଏହି ଭୂତଳରେ ଯେଉଁ ମନୁଷ୍ୟ ଆପଣଙ୍କ ଭକ୍ତି ପୂର୍ବକ ଦର୍ଶନ କରିବ , ତାହାର ସବୁପାପ ନଷ୍ଟ ହୋଇଯାଉ ଏବଂ ପୁଣ୍ୟ ବୃଦ୍ଧିହୋଇ ସମସ୍ତ ରୋଗ ଦୂର ହେଉ । ଯେଉଁ ସ୍ତ୍ରୀ ଦୁର୍ଭାଗିନୀ, ବନ୍ଧ୍ୟା ଓ ରୂପହିନା ହୋଇଥିବ ସେ ମଧ୍ୟ ଆପଣଙ୍କୁ ଦର୍ଶନ କରି ସବୁ ସୁଖ ଲାଭ କରୁ । ବ୍ରହ୍ମଦେବଙ୍କ ବଚନ ଶୁଣି ମହାଦେବ ତଥାସ୍ତୁ କହି ନିଜ ଅଂଶରୁ ଏକ ଲିଙ୍ଗ ପ୍ରକଟ କରି ବେଦି ଉପରେ ସ୍ଥାପନ କରିଲେ । ସେହିଦିନ ଠାରୁ ସେହିଲିଙ୍ଗର ନାମ ବ୍ରହ୍ମେଶ୍ବର ରୂପରେ ପ୍ରସିଦ୍ଧ ହେଲା । ଏହି ଲିଙ୍ଗ ଦର୍ଶନ ଏବଂ ପୂଜନ କରିଲେ ଚତୁର୍ବର୍ଗ ଫଳ ପ୍ରାପ୍ତ ହୋଇଥାଏ । ଏହାକୁ ମନୋକାମନା ଲିଙ୍ଗ ମଧ୍ୟ କୁହାଯାଏ। ବ୍ରହ୍ମେଶ୍ବର ମହାଦେବଙ୍କ ପ୍ରସିଦ୍ଧ ମନ୍ଦିର ଭାରତର ବିହାର ପ୍ରଦେଶରେ ବ୍ରହ୍ମପୁରଠାରେ ରହିଛି ।

କିମ୍ବଦନ୍ତୀ- ଭାରତର ପ୍ରତ୍ୟେକ ଦେବାଳୟ ଦ୍ବାର ପୂର୍ବମୁଖୀ ରହିଥିବା ବେଳେ , ବ୍ରହ୍ମେଶ୍ବରଙ୍କ ପଶ୍ଚିମାଭିମୁଖୀ ହୋଇଛି ଲୋକକଥା ଅନୁଯାୟୀ ମୃଗଲ ସାମ୍ରାଜ୍ୟ ସମୟରେ ମନ୍ଦିରକୁ ଭାଙ୍ଗିବା ନିମନ୍ତେଯେତେବେଳେସୈନିକମାନେଆସିଥିଲେ। ପୂଜାରୀ ମହାଦେବଙ୍କ ଆଲୌକିକ ଲୀଳା ଗୁଡିକର ଉଦାହରଣ ଦେଇ ମନ୍ଦିର ଭାଙ୍ଗିବା ନିମନ୍ତେ ମନା କରିଥିଲେ । ସେନାପତି ପୂଜାରୀଙ୍କ କଥା ଶୁଣି ଅଟ୍ଟହାସ୍ୟ କରି ରାତ୍ର ଭିତରେ ମହାଦେବଙ୍କ ପ୍ରତ୍ୟକ୍ଷ ପ୍ରମାଣିତ କରିବା ନିମନ୍ତେ କହିଲେ । ସୈନିକ ମାନଙ୍କ ଘେରା ଭିତରେ ମନ୍ଦିରର ଦ୍ବାର ପୂର୍ବାଭିମୁଖୀରୁ ପଶ୍ଚିମାଭିମୁଖୀ ହୋଇଗଲା । ମୋଗଲ ସୈନିକ ମହାଦେବଙ୍କ ଶକ୍ତି ଦେଖି ବିସ୍ମୟ ହୋଇ ମନ୍ଦିର ଭଗ୍ନ ନକରି ଫେରିଗଲେ । ସେହିଦିନ ଠାରୁ ମନ୍ଦିରର ଦ୍ବାର ପଶ୍ଚିମାଭିମୁଖୀ ହୋଇ ରହିଛି ।

ବରଗଡ଼

# ସହାନୁଭୂତି

ଶୁଭଶ୍ରୀ ସିଂ



ଦିନେ ଏକ ରବିବାର ରେ ଅନୁପ୍ ବଜାର ବାହାରିଲେ ।ବାଟରେ ଛୋଟ ଝିଅଟିକୁ ଦେଖିଲେ । ସେ ଖରାରେ ରାସ୍ତାରେ ବସି କଣସବୁ ଗୋଟଉଛି । ଅନୁପ୍ ଛୋଟ ଝିଅଟିକୁ ଖରାରେ ବସିବା ଦେଖି ଗାଡି ରଖି ତା ନିକଟକୁ ଯାଇ ଦେଖିଲେ ସେ ବାଲିରୁ ପଡିଯାଇଥିବା ଚିନି କୁ ଉଠେଇବାକୁ ଚେଷ୍ଟାକରୁଛି । ଏହା ଦେଖି ଅନୁପ ଝିଅଟିକୁ ପଚାରିଲେ କଣ ପାଇଁ ତୁମେ ଏହି ଚିନି ଗୋଟାଉଛ, ବାଲିରୁ କଣ ଚିନି ଅଲଗା କରିପାରିବ । ତୁମେ ଆସ ମୁଁ ତୁମକୁ ଘରେ ଛାଡି ଆସିବି କାରଣ ଖରା ବହୁତ ଜୋରରେ ହେଉଛି । କିନ୍ତୁ ଝିଅଟି ଯିବା ପାଇଁ ଅମଙ୍ଗ ହେଲା । ଅନୁପ ପୁଣି ପଚାରିଲା ତୁମ ନାମ କଣ? ଝିଅ ଉତ୍ତର ଦେଲା ଶାନ୍ତି ଏବଂ କହିଲା ଜେଜେ ମାଙ୍କ ସକାଶେ ଚିନି ପାଇଁ ଦୋକାନକୁ ଆସିଥିଲି । ଜରି ମୁଣା ଫଟା ହେତୁ ସବୁତକ ଚିନି ରାସ୍ତାରେ ଢାଳିଗଲା ତାହାକୁ ଗୋଟାଉଛି । ଚିନି ଉଠାଇ ନ ନେଲେ ଘରକୁ ଗଲେ ଜେଜେମା ବାଡ଼େଇବ । ଏହା ଶୁଣି ଅନୁପ ଟିକେ ବ୍ୟସ୍ତ ହୋଇଥିଲେ, ଭାବିଲେ ପିଲାଟି କଅଣ ଏତେ ଖରାରେ ଚିନି ଗୋଟାଉଛି ସେଥିରେ ପୁଣି ଜେଜେମା ବାଡ଼େଇବେ । ଏହା ଅନୁପଙ୍କୁ ବହୁତ କଷ୍ଟ ଲାଗିଲା । ସେଥିପାଇଁ ସେ ଝିଅ ଶାନ୍ତିକୁ ନିଜ ଗାଡ଼ିରେ ବସାଇ ଘରେ ଛାଡି ଦେବା ପାଇଁ କହିଲେ ।

ଶାନ୍ତି ବହୁତ ଡରି ଯାଇଥାଏ କାରଣ ଜେଜେମା ତାକୁ ନିଶ୍ଚୟ ବାଡ଼େଇବ ତଥାପି ସେ ଅନୁପଙ୍କ ଗାଡ଼ିରେ ବସିଲା । ଅନୁପ ଯିବା ସମୟରେ ଏକ ଦୋକାନରୁ କିଣିବା ପାଇଁ ଗଲେ ଓ ଏକ ମାସ ସକାଶେ ସୌଦାପତ୍ର କିଣି ଥିଲେ ଶାନ୍ତିର ଘରକୁ ନେବା ନିମନ୍ତେ । କିନ୍ତୁ ନିରୀହ ଶାନ୍ତି ମନେ ମନେ ଭୟ କରୁଥାଏ, ଘରେ ପହଂଚି ଜେଜେମାଙ୍କୁ କଣ କହିବ । ଏପରି ଭାବରେ ଅନୁପ ଶାନ୍ତିକୁ ତା ଘର ନିକଟକୁ ନେଇଥିଲା । ଅନୁପ ଆଣି ଥିବା ସଉଦା ଶାନ୍ତିକୁ ଦେଇଥିଲେ । ଜେଜେମା ଶାନ୍ତି ସହିତ ଅନୁପଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଜେଜେମା ବିରକ୍ତ ସହ କହିଲେ, କେତେବେଳୁ ଚିନି ଟିକେ ଆଣିବାକୁ ଯାଇ ଏତେ ଡେରି ହେଲା ମୁଁ ଚା ଟିକେ ପିଇ ନାହିଁ । ଏ କଥା ଶୁଣି ଅନୁପ କହିଲେ ତୁମର ଏକ ମାସ ପାଇଁ ଚିନି, ଚା ଆଣିଛି । ଆଉ ଏମିତି ନିଛାଟିଆ ଖରାରେ ଶାନ୍ତିକୁ ବଜାରକୁ ପଠାଇବେ ନାହିଁ । ତାର କିଛି ଦୋଷ ନାହିଁ ଜରିମୁଣା ଫଟା ଥିବାରୁ ରାସ୍ତାରେ ଚିନି ଢାଳି ଗଲା , ସେଥିପାଇଁ ଏତେ ଡେରି ହେଲା । ଏହା ଶୁଣି ରାଗିଯାଇଥିବା ଜେଜେମା ନିଜ ଭୁଲ ବୁଝି ପାରିଥିଲେ ଏବଂ ମାସକ ସୌଦା ପାଇ ଖୁସି ମଧ୍ୟ ହୋଇଥିଲେ । ଜେଜେମା ଅନୁପକୁ ଧନ୍ୟବାଦ ଦେଇ କହିଥିଲେ, ଆଉ ଏପରି କାମ କରିବେ ନାହିଁ ଯାହା ଅନ୍ୟକୁ କଷ୍ଟ ଦେବ ।

ଭୁବନେଶ୍ୱର
ମୋ - ୯୧୨୪୫୬୫୨୫୦

# ପୂର୍ଣ୍ଣତା

ପ୍ରମୋଦ କୁମାର ରାଉଳ





ସେ ଦିନ ଯେତେବେଳେ ମଞ୍ଚରେ ଉଦଘୋଷକ ଘୋଷଣା କଲେ "ନୀତା" କବିତା ସଂକଳନ ନିମନ୍ତେ ମୋତେ ରାଜ୍ୟସ୍ତରୀୟ ଶ୍ରେଷ୍ଠ କବି ପୁରସ୍କାର ପ୍ରଦାନ କରାଯିବ। ଆଖି ମୋର ସଜଳ ହୋଇଗଲା। ଆୟୋଜକଙ୍କ ନିମନ୍ତ୍ରଣ କ୍ରମେ ମଞ୍ଚ କୁ ଯାଇ ଅତିଥି ଙ୍କ ଠାରୁ ପୁଷ୍ପଗୁଚ୍ଛ ମାନପତ୍ର ଓ ଶଲ ଗ୍ରହଣ କରି ଫେରିବା ସମୟ ରେ ହଠାତ ମଞ୍ଚକୁ ଉଠି ଆସିଲେ ଏକ ଉଦ୍ରମହିଳା। ମୋ ହାତରୁ ମାନପତ୍ର ଓ ଶଲ ଝାମ୍ପି ନେଇ ଛାତିରେ ଯାବୋଡି ଧରି ବସିପଡିଲେ କେହିକିଛି ବୁଝିବା ଆଗରୁ ଧିରେ ଧିରେ ପାଖକୁ ଯାଇ ପଚାରିଲି "ୟାକୁ ନେଇ ଏବେ କଣ କରିବ? ସେ କହିଲା ଅ ପୁରସ୍କାର କୁ ଧରି ବାକି ଜୀବନ କଟାଇ ଦେବି। କୋକେଇରେ ଗଲାବେଳେ ଏ ଶଲ ଘୋଡେଇ ହୋଇ ଯିବାକୁ ଚାହେଁ...... କାହିଁକି ତୁମ ସ୍ୱାମୀ ପିଲାମାନେ? ସେ କହିଲା ଜଣକୁ ସବୁକିଛି ଅର୍ପିଦେବା ପରେ କଣ ଆଉ କାହାକୁ ଆପଣାର କରିହୁଏ..... ତେବେ ବାଟଭାଙ୍ଗି ଚାଲିଗଲ କାହିଁକି...... ମୋତେ ଲାଗିଲା ଏ କବିତା ହିଁ ସଉତୁଣୀ ଯାହାରି ପାଇଁ ମୋତେ ଗୋଟେ ସମୟ ଦେଉନ.... ହେଲେ ଆଜି ତୁମ କବିତା ଗୁଡିକ ପଢିବା ପରେ ଜାଣିଲି ଆଜିବି ତୁମ ହୃଦୟରେ ମନରେ ଅଛି। ହେଲେ ଆମେ ଦୁହେଁ କେତେ ନିଃସଙ୍ଗ ଜୀବନ କାଟୁଛେ।

ଏତେ ଲୋକଙ୍କ ମଧ୍ୟରେ ମୁଁ ସରମୀ ଯାଉଥିଲି ପରିଣତ ବୟସରେ ତାର ପ୍ରଗଳ୍ଭତା କୁ ଦେଖି।

ଜୟପୁର, କୋରାପୁଟ
ମୋ - ୯୬୬୮୨୫୧୧୦୪

# ପଦ୍ୟ ବିଭାଗ



# ଅନୁସ୍ୱାର

ନୀଳମଣି ଚାନ୍ଦ



ଆଗ ସ୍ୱରବର୍ଣ୍ଣ
ତା'ପରେ ବ୍ୟଞ୍ଜନ ବର୍ଣ୍ଣର ଆରମ୍ଭ,
ସେ ଶେଷ ହେବାକୁ ଥାଏ
'ଅନୁସ୍ୱାର' ସହିତ ଭେଟହୁଏ
ଜାଣୁ ସେ ବିଶେଷ୍ୟ ପଦ
ସେ ବି ବର୍ଣ୍ଣବିଶେଷ
ସିନ୍ଧୁ ନୁହେଁ ବିନ୍ଦୁ ମାତ୍ର
ଏକା ନ ଥାଏ
ତା'ପାଖକୁ ବିସର୍ଗ
ବିସର୍ଗ ପରେ ଚନ୍ଦ୍ରବିନ୍ଦୁ
ଖୁବ୍ ଲଗାଲଗି,ଦରକାର ବେଳେ
ବର୍ଣ୍ଣ ସହିତ ଯୋଡ଼ିହୁଏ।

ହେଲେ ଏ 'ଅନୁସ୍ୱାର'
ସେ ଅନୁସ୍ୱାର ଠାରୁ ଭିନ୍ନ
ଭାଷା ସାହିତ୍ୟକୁ ଯେ
ଆପଣେଇ ନେଉଛି
ନିରବ ରହି ସମାଜକୁ ନିଜ କଥା
ବିସ୍ତାର କରି କହି ଦେଉଛି
ସଭିଙ୍କର ପ୍ରିୟ ହେଉଛି ।


ମନ୍ଦ ମାନୋର୍, ଗୋଠପାଟଣା
ଭୁବନେଶ୍ୱର
ମୋ : ୯୫୮୩୨୦୨୩୫୭

# ଭାଷାର୍ ବାନା ଟେକା

କୋଶ୍‌ଲୀ କବିତା

ପ୍ରଫୁଲ୍ଲ କୁମାର ତ୍ରିପାଠୀ





ଲେଖ୍‌ଲା ବେଲେଁ ନୂଆଁ କଥା କିଛି
ନାଇଁ ପାର୍‌ଲେଁ ଭାବି
ଜହ ଯାଣାତାଣା ଲେଖ୍‌ଦେଲେଁ ଭିଲ୍
ଭାଷାଟେ ରହେସି ଦବି ।

ସେହି ସେହି କଥା ବାର୍‌ବାର୍ ଲେଖ୍
ନାଇଁ ହେଲେଁ ଜନେ ଅଥା
ଜାନ୍‌ତିକେ କି ଅଜାନ୍‌ତିକେ
ଫଏଲାସି ଅବ୍ୟବସ୍ଥା ।

ଏଭର୍ ଲେଖକ୍ ଏଭର୍ ସୁଖ୍‌ଦୁଃଖ୍
ଫିଂ'ଦିନ୍ ଭୁଗ୍‌ଲା କଥା
ଲେଖ୍ ଦେଖାଲେ ଜରୁର୍ ବଢ଼୍‌ତା
ଭାଷାର୍ ଉପ୍‌ରେ ଆସ୍ଥା ।

କେନ୍‌ସି ମାହାପୁରୁ ଭାଷା ନାଇଁ ବୁଝନ୍
ବୁଝ୍‌ସନ୍ ମନର୍ ଭାବ୍
'ଭାଗଗ୍ରାହୀ' ନାଆଁ ପାଇଛନ୍ ପ୍ରଭୁ
ହଟାସନ୍ ସବୁ ଅଭାବ୍।

ନିଜର ପହେଲା ଶିଖ୍‌ଲା ଭାଷାଥିଁ
ନିଜର୍ ମନର୍ ଭାବ୍‌ନା
ଲେଖ୍ ରଖ୍‌ଦେଲେଁ ଯୁଗ୍ ଯୁଗ୍ ତକ୍
ମହତ୍ ନାଇଁ ହୁଏ ଊନା ।

ପୁରାଣ୍ ଇତିହାସ୍ ପଢ଼୍‌ଲା ଲୁକେ
ପାଏସନ୍ ଯେନ୍ ଜ୍ଞାନ୍
ସେଟା ବାର୍‌ବାର୍ ଲେଖ୍ ଦେଖାଲେଁ
ନାଇଁ ବଢ଼େ ଭାଷାର୍ ମାନ୍।

ଯେନ୍‌ଟା ଅବ୍‌ଗା ନିଜର୍ ଅନୁଭବ୍
ସେହି କଥା ହେଲେଁ ଲେଖା
ଭାଷାର ବାନା ଖୋବ୍ ଉପର୍‌କେ
ତା'ର୍ ତା'ର୍ ହେସି ଟେକା ।

ରୟାଲ ଲାଗୁନ, ଭୁବନେଶ୍ୱର

# ମାମୁଘର ଗାଁ

ଡକ୍ଟର ଅଶୋକ ମହାନ୍ତି





ମାମୁଘର ଗାଁ
ଖୁବ୍ ଭଲଲାଗେ ଏଇଥିପାଇଁ ଯେ
ଏଠି ଥାଏ ହରିଦ୍ରା ରଙ୍ଗର କଅଁଳ
ଖରା.
ଛୁଞ୍ଚିଫୋଡ଼ା ଶୀତ,
ଚାଳ ଛପରକୁ
ଭେଦେଇ ଦେଉଥିବା ବର୍ଷାରାତି
ନିର୍ଜନ ନୀରବ ରାତିରେ
ଝିଙ୍କାରିର ଝିଁ ଝିଁ ଗୀତି ।

ସୂରୁଜ ଉଇଁଲେ
ଏଠି ଚହଟେ ଆଲୁଅ
ଜୀବନଯାତ୍ରାର କୋଳାହଳରେ
ମୁଖରିତ ହୋଇଉଠେ ଗାଁ ଦାଣ୍ଡ
ଆକାଶର ଅଗଣାରେ
ଭଲିକି ଭଲି ରଙ୍ଗର ମୂରୁଜ ଚିତା
ପବନର ସନସନ ସୁର ଓ
ପକ୍ଷୀର ଉର୍ଦ୍ଧ୍ୱ ଉଡ଼ାଣରେ
ନୂଆ ଜୀବନର ଚଢ଼ା ଉତରା ।
ପାହାଡ଼ ଥାଏ ତା'କାଗାରେ
ପାହାଡ଼ ତଳ ସ୍କୁଲଘର ମୁଖରିତ ହେଇଥାଏ
ବର୍ଣ୍ଣବୋଧର ଗୀତରେ
ପଣିକିଆ ଘୋଷାର ଲହରରେ
କେତେବେଳେ ସାର୍‌ଙ୍କ ଚଟ୍‌କଣା ଓ
ବେତମାଡ଼ ଭୟରେ
ଥର ଥର ଚମକୁଥାଏ ଛାତି
ବେତର ପିଙ୍ଗ୍ ପିଙ୍ଗ୍ ଶବ୍ଦରେ
ମନେପଡ଼େ ନା ପାଠ
ତେବେ ମୋ କଥା ନିଆରା
ସଦାଶିବ ସାର୍ ନୀରମାମୁ ମୋତେ ଟିକେ
ଦୟା କରନ୍ତି ମୁଁ ମାଆଛେଉଣ୍ଡ ବୋଲି ।

ମାମୁଘର ଗାଁରେ ଥାଏ
ନୀଳ ସୁନ୍ଦର ପର୍ବତ, ନାଲି ଗୋଡ଼ି ସଡ଼କ,
ବିସ୍ତୀର୍ଣ୍ଣ ଆକାଶ, କାଚକେନ୍ଦୁ ପାଣିର ପୋଖରୀ,
ଫୁଲେଇ ନଈ ଓ ମାୟାବିନୀ ଜହ୍ନରାତି ।
ଏଇ ଗାଁରେ ଥାଏ କରମାଗୀ,
ପୁଷୁ ପୁନେଇର ଅଣ୍ଟାଛନ୍ଦା ନାଚ, ଦୋଳିଗୀତ,
କୁମାର ପୁନେଇଁ, କଇଁଫୁଲ ଘର
କାର୍ତ୍ତିକ ମାସର ଯାତ୍ରା, ସାଙ୍ଗସାଥୀମେଳ ଆଉ
ଶ୍ରାବଣର ବର୍ଷାଧୁଆ ଅପରାହ୍ନର
ବେଜାଏ ଛନଛନିଆ ସବୁଜିମା ।

ଜେଡ୍ ୱାନ୍, ଭୁବନେଶ୍ୱର

# ଆତ୍ମାଙ୍ଗିନୀ

ପ୍ରଫେସର ବୀଣାପାଣି ତ୍ରିପାଠୀ



ଏତେ ସହଜରେ କଣ
ହୃଦୟ ଚିପୁଡ଼ା ଶବ୍ଦଟିଏ ନିଗିଡ଼ି ଆସେ ?
ତୁମେ ଡ଼ାକିଲ ଆତ୍ମାଙ୍ଗିନୀ
ମୁଁ ପଚାରିଲି କି ଶବ୍ଦ କହିଲ ଆଉଥରେ କୁହତ ?
ତୁମେ ଦୋହରାଇଲ
ଆତ୍ମାଙ୍ଗିନୀ ମୋର ଆତ୍ମାର ସଙ୍ଗିନୀ
ମୁଁ ତଟସ୍ଥ ହେଲି ତୁମ
ଅଣାଭିଧାନିକ ଶବ୍ଦରେ
ପୁଣି ପଚାରିଲି ତୁମେ କହିଲ କି ଆତ୍ମିକା ?
ଆତ୍ମାର ଅଙ୍ଗ କାଇଁ ଯେ,
ସେ କଣ ଗଢ଼ା ହେଇଛି ମାଟି ପିଣ୍ଡରେ
ଆତ୍ମା ତ ଗୋଟା ପଣେ ଗୋଟା
ସଂପୂର୍ଣ୍ଣ ସ୍ୱୟଂ ସେ ବିଭକ୍ତ ବା କରିବ କେମିତି
ତୁମେ କିନ୍ତୁ ବନ୍ଧା ପଡ଼ିଛ ସେଇ ଶବ୍ଦର ମାୟାରେ
ମୁକୁଳି ପାରୁନ
ଏଥର ମୋତେ ବୁଝେଇବାର ପ୍ରଚେଷ୍ଟା ତୁମର
ଶୁଣ,
ତୁମେ କହିଲ
ମୁଁ ନକହିଲେ ବି ତୁମେ ଶୁଣି ପାର
ନ ଦେଖିବି ଦେଖିପାର
ମୋତେ କେମିତି କହ ? ? ?
ସତେ ତ
ଆତ୍ମାର ଆଖିରେ ଦେଖିପାରେ
ଶୁଣିପାରେ ତୁମ ସ୍ପନ୍ଦନ
ଜାଣିପାରେ ତୁମ ସୁଖ ଆଉ ଦୁଃଖ
ତୁମେ ଗୁଣୁଗୁଣାଉ ଥିବା ପ୍ରତିଟି
ସଂଗୀତ ତ ମୋ ଆତ୍ମାର
ତୁମେ କୁହ ଏବେ ପାଇଲ କି
ତମ ପ୍ରଶ୍ନର ଉତ୍ତର
ଆତ୍ମାଙ୍ଗିନୀ ମୋର... !



ମଧୁବନ, ଢେଙ୍କାନାଳ

# ସମୟର ଭୂଗୋଳ

ଡକ୍ଟର ରଶ୍ମି ଦାସ



ବହି ଯାଉଅଛି ସେଦିନ ସମୟ
କାହାଣୀ କହୁଛି ଆଜି
ଅତୀତର କେତେ ଗଭୀର ଭାବନା
ସ୍ମୃତି ଦରପଣେ ସାଜି ,
ହାଟ ସଉଦାରୁ ବୁଟଚଣା ଭଜା
ଦଶ ପଇସାର ଲୋଭ ,
ଖଡି,ସିଲଟରେ ଅକ୍ଷର ଶିଖିବା
ଚାଟଶାଳୀ ପଢ଼ା ପାଠ ।
ଗାଁ ଛକମୁଣ୍ଡ କିତିକିତି ଖେଳ
ତୋଟାରେ ବର ଓହଳ,
ଠାକୁର ବାଡିରେ ସନ୍ଧ୍ୟା ଆରତୀରେ
ଘଣ୍ଟା ଘଣ୍ଟ ଘଡ଼ି ରୋଳ,
ଲଣ୍ଠନ ଆଲୁଅ ପାଠପଢ଼ା ସାଥେ
ଉଚ୍ଚେ ପଣିକିଆ ଡକା ।
ବାଦାମ ଭଜାର ମହମହ ବାସ
ମନ ହେଉଥାଏ ରଙ୍କା ।
ମିଳିମିଶି ଘେରି ବସି ରହିଥାଉ
ଜେଜେମାଆ ଚାରିପଟେ,
ଗାଲକୁ ତାହାର ବୁଲାଇ ବୁଲାଇ
ଗପ ଶୁଣୁଥାଉ କେତେ।
ମୋ ଆଡକୁ ଶୋ' କଡ ଲେଉଟାଇ
ଭାଇ ନିଏ ତାକୁ ଟାଣି,
ବୁଢ଼ି ଅସୁରୁଣୀ ରାଜାପୁଅ ଆଉ
ରାଜକୁମାରୀ କାହାଣୀ।
ଆକାଶର ଚାନ୍ଦ ହାତରେ ଧରାଇ
ଦେବାର ଭରସା କେତେ,
ମନ ଉଲ୍ଲସିତ ଦେହ ପୁଲକିତ
ସେଇ ଗାଆଁ ମାଟି ସାଥେ।
ଗାଆଁ ଭୋଜିଭାତ ଯାନିଯାତରେ
ମନ ହୁଏ ଛନଛନ,
ଖୁଦୁରୁକୁଣୀକୁ ଖୁଦମଣ୍ଡା ଭୋଗ
ପାଳୁଥାଏ ସୁଖେ ଜନ ।
ବରଷା ଝଡିରେ ସାଧବୋହୁ ପୋକ
କାଗଜ ଡଙ୍ଗାର ମଜା,
ଷଢେଇ ରନ୍ଧାରେ କଣ୍ଢେଇ ବେଦୀର
ଜୀବନ ସତେକି ବନ୍ଧା।
କଙ୍କିଧରା ଆଉ କଣ୍ଢେଇ ବଣର
କଣ୍ଟାଫୁଟା ପାଦ ଆଜି,
ପକ୍କା ସଡ଼କରେ ଚିକ୍କଣ ପଥରେ
ଗଭୀର ଯନ୍ତ୍ରଣା ସାଜି,
ରବର ଲିଭା ସେ ପେନସିଲର ଭୁଲ୍
ଆଜି କଲମଗାରର ଚିହ୍ନ,
ଶଇଶବ ସାଥେ ଯଉବନ ପ୍ରାନ୍ତେ
ଜୀବନର ବହୁ ବର୍ଣ୍ଣ ।
ବର୍ଣ୍ଣ ବୈଶାଳୀର ବିବିଧତା ଘେନି
ସବୁ ତ ମିଳାଇ ଗଲା,
ଶିଶିର କୁହୁଡ଼ି ତପନ ତାତିରେ
ନୀର ହୋଇ ବସିଗଲା ।
ସପନ ସରିଲା ନିଦ ବି ଭାଙ୍ଗିଲା
ଅଲରା ଜୀବନ କଥା,
ଯେତେ ବାହୁନିଲେ ଆଉ କି ଫେରିବ
ହୃଦୟରେ ଭରି ବ୍ୟଥା।

କାନନ ବିହାର, ଫେଜ-୨,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

# ଲୋକକବିରତ୍ନଙ୍କୁ ପ୍ରଣାମ

ସରୋଜ କୁମାର ଶତପଥୀ




ଧନ୍ୟ ଧନ୍ୟ ହଳଧର, ମାଟିର ସନ୍ତାନ,
ମାଟିର ସୁଗନ୍ଧେ ଭରା ତୁମ ମନପ୍ରାଣ ।

ଶବ୍ଦର ସାଧକ କବି ତୁମେ ତ ମହାନ,
ତୁମ ଶବ୍ଦେ ଜୀଇଁ ଉଠେ ନୂଆ କବିପ୍ରାଣ ।

ଖାଲି ପାଦେ ଚାଲ ତୁମେ ଗାଆଁର ପଥରେ,
ଶବ୍ଦମଣି ଖୋଜୁଥାଆ ଜୀବନ ସାଗରେ ।

କୋଶଳୀ ଭାଷାର  ଅଟ ଗର୍ବ ଓ ଗୌରବ,
ତୁମ କବିତାରେ ଫୁଟେ ମାଟିର ସୌରଭ ।



"ସମ୍ବଲପୁରୀ" ସୁରେ ତୁମ ବାଣୀ ଝଙ୍କାରେ,
ଶ୍ରୁତିପଥେ ଝରେ ସ୍ନେହସୁଧା ନିରନ୍ତରେ ।

ମନମଧ୍ୟେ ନାହିଁ ତୁମ ଗର୍ବ ଅହଂକାର,
ସରଳ ହୃଦୟେ ତୁମେ ସ୍ନେହର ଆଧାର ।

ଶୁଭ୍ର ପରିଧାନେ ଦୀପ୍ତ ସରଳତାର ରୂପ,
ମୃଦୁସ୍ମିତେ ଝରେ ହୃଦେ ମାଧୁର୍ଯ୍ୟ ସ୍ୱରୂପ ।

ଭାବସୂତ୍ରେ ବାନ୍ଧିଲ ସକଳ ଜନମନ,
ତୁମ କଣ୍ଠୁ  ଝରେ ସଦା ସ୍ନେହର ସ୍ପନ୍ଦନ ।

"ପଦ୍ମଶ୍ରୀ" ଗୌରବେ ଦୀପ୍ତ ତୁମ ଶୁଭନାମ,
ବିଶ୍ୱ ଦରବାରେ ଗୁଞ୍ଜେ ତୁମ ଯଶଗାନ ।

ଚିରଦିନ ରହି ଥାଉ ତୁମ ଶବ୍ଦଜ୍ୟୋତି,
ପାଦପଦ୍ମେ ଘେନ ଆମ କୋଟିଏ ପ୍ରଣତି ।।

ସମ୍ପାଦକ, ଅନୁସ୍ୱାର
ମୋ : ୯୯୩୭୧୨୮୫୪୭

# ଆକର୍ଷଣ

ଯୋଗେଶ ଚନ୍ଦ୍ର ମିଶ୍ର



ତୁମେ ହିଁ ତ ବିଛେଇଛ ସୂକ୍ଷ୍ମତମ ଜାଲଟିଏ
ମୋ ମାଂସଳ ବର୍ଦ୍ଧିଷ୍ଣୁ ଶରୀର ଚାରିପଟେ
ଅଡୁଆ ସୂତାର ଖିଅ ଖୋଜୁ ଖୋଜୁ
ନାଁ ପାଏଁ ତାର ଆଦ୍ୟ ନା ଅନ୍ତ ।
ତୁମକୁ ପାଇବା ପାଇଁ ଛାତି ପାତି ଦେଲି
ଅଶ୍ରୁସିକ୍ତ ଆଖିମୋର ଖୋଜିପାଏ ନାହିଁ
କେଉଁଠୁ ତୁମର ସୃଷ୍ଟି କୋଉଠୁ ଶେଷ
ଅସଂଭବ ଆକୁଳତାରେ
ଖସି ପଡୁଥିବା ବୟସଗୁଡ଼ିକୁ
ସଜାଡ଼ିବାର ଅପଚେଷ୍ଟା କରୁ କରୁ
ତୁମେ ହିଁ ତ ମନେ ପଡ଼ !
ତୁମକୁ ନେଇ ହିଁ ତ ମୋର ସବୁଖେଳ
ହସର ଲୁହର ମାନ ଅଭିମାନର
ଭୁଲି ମରଣାନ୍ତକ ଅଭିମାନ
ହାତଯୋଡ଼ି ମନେ ମନେ କହୁଥାଏ
ତୁମେ ହିଁ ତ ମୋ ସ୍ମିତିର ନିୟାମକ
ତୁମ ପ୍ରତି ରହିଥାଉ
ଅପ୍ରତିହତ ଚିର ଆକର୍ଷଣ ।



ସର୍ଗିଗୁଡ଼ା, ଟିଟିଲାଗଡ଼
ମୋ : ୯୭୭୭୩୭୦୧୨୩

# ରଙ୍ଗ ପୀରତି - ୧୮

ବିଦ୍ୟାଧର ଗୁରୁ



ମନ ନ ମିଳିଲେ        ସବୁତ ଅସାର
    ଲାଗେ ସବୁ ଶୂନ ଶୂନ
ମିଳିଗଲେ ଥରେ        ମନଲାଖି ମନ
    ଜୀବନ ହୁଅଇ ଧନ୍ୟ ।
ନ ମଣିବୁ ଧନ୍ୟ        ନିଜକୁ କେବେ ତୁ
    ଶୁଣି ଭୁଲା ଟେକା କଥା
ଥାଏଟି ଜହର        ଟେକା କଥାରେ ଟି
    ଦିଅଇ ଜୀବନେ ବ୍ୟଥା ।
ଦେବୁ ନାହିଁ ବ୍ୟଥା        ଜୀବନେ କାହାର
    ନ ବୁଝି ନ ଜାଣି ସତ
ବୁଝିଲା ବେଳକୁ        ନଥିବ ସମୟ
    କରିବାକୁ ମନସ୍ତାପ ।
କରିବୁନି ମନସ୍ତାପ        ସଜନୀ ଗୋ
    ଦୋଷୀକୁ ତୁ ଦେଇ ଦଣ୍ଡ,
ସଜା ନ ପାଇଲେ        ଦୋଷୀ ସଂସାରରେ
    ବଢ଼ିଥାଏ ଦ୍ୱେଷ ଭଣ୍ଡ ।
ଭଣ୍ଡେଇ ଦେବୁନି        ସରଳ ମଣିଷେ
    ମନରେ ରଖିଣ ଦ୍ୱିଧା
ଅଧର୍ମର ବାଟ   ଅଟଇ ବଙ୍କାଲୋ
    ଧରମ ବାଟଟି ସିଧା ।



ସୁନ୍ଦରପଦା, ଭୁବନେଶ୍ୱର

# ଇଶାରା

ବସନ୍ତ କୁମାର ଦାସ



ଆଖିର ଇଶାରା ଦରଦୀ ମନଠୁ
ବୁଝିବ ଅଧିକ କିଏ
ଚାପିଲା ଦରଦ ଛାତିର ସିନ୍ଦୁକେ
ସହଜେ ସାଇତେ ସିଏ,
ପଚାରି ପଚାରି ଥକିଯିବ ସିନା
ମରମ ଗୁପତ ରହେ ।।

ଆଖି କୁହେ କିଛି କଥା
ବାକି କଥା କୁହେ ଲୁହ
ମାଗନାହିଁ ଭାଗ ଟିକେ
ଭାବ ବାଣ୍ଟି ନେଲେ ନିଅ ।
ହୃଦୟ ଏମିତି ଅଛୁଆଁ ଇଲାକା
ଭିଜେ ନିଜେ ନିଜ ଲୁହେ,
ପଚାରି ପଚାରି ଥକିଯିବ ସିନା
ମରମ ଗୁପତ ରହେ ।।



ଜୀବନ ଏମିତି ଛକ
ଫେରି କେହି ଦେଖାହୁଏ
ମିଛ ପରିଚୟ ଦେଇ
ବାଟ ଭାଙ୍ଗି ଚାଲିଯାଏ ।
ଥର ଥର ଓଠ ମିଛର ବାହାନା
ଖୋଲି ପଛେ କହିଦିଏ,
ପଚାରି ପଚାରି ଥକିଯିବ ସିନା
ମରମ ଗୁପତ ରହେ ।।

ବରମୁଣ୍ଡା ଗ୍ରାମ, ଭୁବନେଶ୍ୱର
ମୋ: ୭୦୦୮୬୯୩୯୦୩

# ତମେ ଭଲପାଅ ବୋଲି

ସଚି ବେହେରା



ଶ୍ରାବଣକୁ ତମେ ଭଲ ପାଅ ବୋଲି
ଆଖିକୁ ସଜଳ କରିଛି
ଫଗୁଣକୁ ତମେ ଭଲ ପାଅ ବୋଲି
ମୁହଁରେ ରଙ୍ଗକୁ ମାଖିଛି।

ଶରତକୁ ତମେ ଭଲ ପାଅ ବୋଲି
ଦେହରେ ଜୋଛନା ଲେପିଛି
ହେମନ୍ତକୁ ତମେ ଭଲ ପାଅ ବୋଲି
ହସକୁ ଗହଣା କରିଛି ।



ଶୀତ ସକାଳକୁ ଭଲ ପାଅ ବୋଲି
ଶିଶିର ବିନ୍ଦୁ ମୁଁ ସାଜିଛି
ତୋଳି ନିଅ ମୋତେ ହାତ ପାପୁଲିରେ
ତୁମ ବାଟ ଚାହିଁ ବସିଛି।

ଭଲ ମୁଁ ତୁମକୁ ପାଉଛି ବୋଲି ତ
ଆଶାରେ ନିଃଶ୍ୱାସ ଚାଲୁଛି
ମୋ ଜୀବନେ ତୁମେ ଅଛ ବୋଲି ସାଥି
ମାଟି କୁ ବୈକୁଣ୍ଠ ମଣୁଛି।

ଯୁଗ୍ମ ନିର୍ଦ୍ଦେଶକ, ଟ୍ରେଜେରୀ ନିର୍ଦ୍ଦେଶାଳୟ
ଭୁବନେଶ୍ୱର
ମୋ-୯୦୯୦୧ ୭୫୨୭୦

# ନିଃସଙ୍ଗ ଫାଲ୍‌ଗୁନୀ

ଅପରାଜିତା



ନିଶବ୍ଦ ଆକାଶ ଜାଣେ,ନିଶ୍ଚଳ ପୃଥିବୀ ଦେଖେ
କ୍ଲାନ୍ତ ଅବସନ୍ନ କେତେ ମାୟାଯୁଦ୍ଧ  ଜିଣି,
ନିଜପାଖେ ହାରିଛି ମୁଁ ନିଃସଙ୍ଗ ଫାଲଗୁନୀ ।

ଯୁଦ୍ଧର ସେ ଘନଘଟା ରକ୍ତର ସେ ରଙ୍ଗ ଛିଟା
ପ୍ରିୟ ପରିଜନ ଶବ କେତେ ହୋଇଥିଲା ବଣ୍ଟା
କେଉଁ ଧର୍ମ ରକ୍ଷା ପାଇଁ ଗାଣ୍ଡୀବ ମୁଁ ଉଠାଇଛି
ବିନ୍ଧିଛି ଆପଣା ଛାତି ମୃତ୍ୟର ତାଣ୍ଡବ ରଚି
ପଚାରୁଛି ନିଜକୁ ମୁଁ ପାଏନା ଉତ୍ତର ଖୋଜି
ଜୟ ଜୟକାର ଶବ୍ଦେ ମୁଁ ଲହୁଲୁହାଣ ଆଜି
ନିଷ୍କଣ୍ଟକ ରାଜ୍ୟ ସିନା କଳଙ୍କିତ ମୋ କାହାଣୀ
ନିଜପାଖେ ହାରିଛି ମୁଁ ନିଃସଙ୍ଗ ଫାଲଗୁନୀ ।



ବିଜୟ ନକ୍ଷତ୍ରଜ୍ୟୋତି ଥିଲା କି ସେ ମରୀଚିକା !
ଶୂନ୍ୟ ନୟନରେ ଏବେ ତିମିରର ଘନଛାୟା
ମର୍ଯ୍ୟାଦାର ପ୍ରଶ୍ନ ଥିଲା ତୀକ୍ଷ୍ଣ ମୋର ତୀରଗାରେ
ଅବସୋସେ ଲହୁ ଧାଏଁ ନିଷ୍ପ୍ରାଣ ଧମନୀ ଧାରେ ।

ଥିଲା କାଲି ପୁଣ୍ୟାହୃତ ଜୀବନର ଯଜ୍ଞପୀଠ
ଯଜ୍ଞକୁଣ୍ଡ ହୋମ ଅଗ୍ନି ଆଜି କିଆଁ ଅସ୍ତବ୍ୟସ୍ତ
ସ୍ୱପ୍ନ କିଶଳୟ ଝାଡେ ପ୍ରକୃତି କି ଅଭିମାନୀ !
ନିଜପାଖେ ହାରିଛି ମୁଁ ନିଃସଙ୍ଗ ଫାଲଗୁନୀ ।

ଉପବିଭାଗ ଅଧିକାରୀ,
ଟ୍ରେଜେରୀ ନିର୍ଦ୍ଦେଶାଳୟ ଭୁବନେଶ୍ୱର
ଫୋନ୍ ନଂ -୮୦୧୮୫୬୪୯୨୭

# ମଧୁ ମଳୟ

ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ



ମଧୁରେ ମଧୁରେ
ଫଗୁଣ ମଧୁରେ
ଛୁଇଁ ଯାଏ ମୋର ମନ,
ମଳୟ ପରଷେ
ତନୁ ମନ ହସେ
ଚଳ ଚଞ୍ଚଳ ମୋ ତନ ।



କେମିତି କହିବି, କିପରି ସହିବି
ମଧୁବନେ କୋକିଳଟା
ଯେମିତି ଆସିଛି ଫଗୁଣ ପସିଛି
ବିକଳ ତାର ସ୍ୱରଟା
କେତେ ଲହରେଇ ଡାକେ ସୁରଦେଇ
ତନୁକୁ କରେ ସୁମନ ।

ଦିନ ସରିଯାଏ ସ୍ୱର ଶୁଣି ଶୁଣି
ରାତି ହୁଏ ଅସରନ୍ତି
ଅପେକ୍ଷା ନସରେ ରାତି ସରିଯାଏ
ଆସିଯାଏ ସେ ପାହାନ୍ତି
ସୁଲୁସୁଲୁ ହୋଇ ମଳୟ ଆସଇ
କହେ କିଛି ଶୁଣେ କାନ ।

ବରମୁଣ୍ଡା ହା. ବୋ. କଲୋନୀ
ଭୁବନେଶ୍ୱର
ମୋ - ୯୪୩୭୨୭୯୧୬୨

# ହସ ଭିତରେ ଲୁହର ମୁକୁତା

ଡକ୍ଟର ମନ୍ଦାକିନୀ ପାଢ଼ୀ



ଶତ ଝଡ଼ଝଞ୍ଜା କେଉଁଠି ସେ ଥିଲା
ଜୀବନେ ଆସିଲା ମୋର
ଦୁଇଟୋପା ଲୁହ ଝରି ପଡ଼େ ନିତି
ଓଦା ଆଖି ଆଷାଢ଼ର ।

ମନ ଝୁଲଣରେ ଝୁଲୁଥିଲା ଦିନେ
ସାଉଁଟି ପ୍ରୀତି ଫଗୁଣ
ସବୁ ଋତୁ ଥିଲା ବସନ୍ତ ଆମର
ଶ୍ରଦ୍ଧା ସ୍ନେହର ବନ୍ଧନ ।

ତୁମେ ହିଁ ମୋହର ପ୍ରଥମ ପ୍ରଣୟ
ମନର ଶେଷ ପୁରୁଷ
ମୋହରି ମଥାର ସିନ୍ଦୂର ଟୋପାଟି
ତୁମେ ହିଁ ମୋର ବିଶ୍ୱାସ ।

ମାନ ଅଭିମାନ ଓ ସୁଖ ଦୁଃଖର
ବହୁଛି ଦିଟୋପା ଲୁହ
ପ୍ରୀତିପାରାବାରେ ପ୍ରୀତିଫୁଲ ବିଞ୍ଚି
ପୋଛି ଦିଅ ମନ କୋହ ।

କେବେ ପୁଣି ଢ଼ାଳିଛ ଦିଟୋପା ଲୁହ
ପଣତରେ ପୋଛିଦିଏ
ସଫଳ କରିବା ଜନମ ବୋଲି ତ
ମମତା ମୁଁ ବାଢ଼ି ଦିଏ ।



ଭାଗ୍ୟ ଆକାଶରେ ଉଇଁ ଆସୁ ଯାହା
ସଂପର୍କ ହୋଇବ ଧନ୍ୟ
ଦୁଇଟୋପା ଲୁହ ଝରିଯାଉ ପଛେ
ଉଇଁବ ପୁନେଇଁ ଜହ୍ନ ।

ପଦ୍ମପୁର,ବରଗଡ଼

# ଷଡ଼ଋତୁ

କମଳିନୀ ଦେବୀ



ବରଷକୁ ଷଡ଼ ଋତୁ କ୍ରମାନ୍ୱୟେ
ଓହ୍ଲାନ୍ତି ଧରାକୁ ଧୀରେ
ନିଜ ଅଭିନୟେ ପ୍ରକୃତି ସଜାନ୍ତି
ଦର୍ଶକଙ୍କ ମନ ହରେ ।

ଗ୍ରୀଷ୍ମ, ବର୍ଷା, ଶୀତ,ଶରତ, ହେମନ୍ତ
ବସନ୍ତ ଋତୁ ଏ ଛଅ
ଜଣଙ୍କର ଜଣେ ହାତ ଧରି ଥାନ୍ତି
ଅନାବିଳ ତାଙ୍କ ସ୍ନେହ ।



ମାନବ ଜଗତ କଲ୍ୟାଣ ଉଦ୍ଦେଶ୍ୟେ
କରନ୍ତି ସର୍ବଜତନ
ପ୍ରକୃତି ରାଣୀର ମନ ତୋଷିଥାନ୍ତି
ଅନ୍ତରେ ହୋଇ ମଗନ ।

ପ୍ରକୃତିକୁ ସେ ଯେ ସଜାଇ ଥାଆନ୍ତି
ଘେନି ନିଜ ରୂପ ଗୁଣ
ବରଷା,ବତାଶ ଉଷ୍ମ,ତାପ,ଶୀତ
ମୃଦୁ ମଳୟ ପବନ ।

ସୁଧାମୟ ଫଳ ସୁଶୀତଳ ଜଳ
ସୁବାସିତ କୁସୁମରେ
ପ୍ରକୃତିର ଉପାସନା କରିଥାନ୍ତି
ପରିଚାରିକା ରୂପରେ ।

ସମ୍ପାଦିକା
ସ୍ୱୟଂପ୍ରଭା ଲେଖିକା ସଂସଦ, ବରଗଡ଼
ମୋ - ୮୨୪୯୮୭୧୭୩୨

# ମାଆ

ସବିତା ଶତପଥୀ



ନାହି ନାଡ କଟା ହେଲା ପରେ
ଅଗ୍ନି ସିଦ୍ଧ ହାତ ଯା'ର ଛୁଇଁ ଦେଇ
ଶରୀର ଅଜର କରି ପାରେ
ସେ ତ କେବଳ ମା'ଟିଏ ।
ସୁଶୀତଳ ବାୟୁର ସାରା ଆସ୍ତରଣ
ସମାହିତ ଯା'ର ପଣତରେ
ସେ ତ କେବଳ ମା'ଟିଏ ।
ପରିବ୍ୟାପ୍ତ ଆକାଶର କୋମଳତା
ସରିଯିଛି ଯା'ର ହୃଦୟରେ
ସେ ତ କେବଳ ମା'ଟିଏ ।
ଆଶିଷ ରେ ଅମୃତ ଧାରାର
ଜୀବନୀ ଶକ୍ତି ଭରି ଦେଇପାରେ
ସେ ତ କେବଳ ମା'ଟିଏ ।
ଧରାସମ ପାତିଦେଇ ବକ୍ଷ
ସର୍ବସଂହା ଯିଏ ହୋଇପାରେ
ସେ ତ କେବଳ ମା'ଟିଏ ।
ଅଗ୍ନି,ଜଳ,ବାୟୁ,ନଭ,ପୃ ଥୀ
ପଞ୍ଚତତ୍ତ୍ୱରେ ଜୀବନ
ଧରି ପାରେ ଯିଏ ଜଠରରେ
ସେ ତ କେବଳ ମା'ଟିଏ ।



ଭୁବନେଶ୍ୱର

# କଣ ଲେଖିବି ?

ନିହାରିକା ରାୟବରାଳ



କଣ ଲେଖିଲେ ତୁ ଫେରି ଆସିବୁ
କହନା କଣ କଣ ସବୁ ଲେଖିବି
ଭଲ ପାଇବାର ସଂଜ୍ଞା ଲେଖିବି
ଅଭିମାନର ଆଲେଖ୍ୟ ଲେଖିବି
ଅନୁରାଗ ରେ ଫୁଟୁଥିବା
ଆପଣା ପଣର ବାସ୍ନା ଲେଖିବି
ଆମେ କାଟି ଥିବା ସମୟର
ସୋହାଗପଣ ଲେଖିବି ନା
ସ୍ମୃତି ସିନ୍ଦୁକରୁ
ସମ୍ପର୍କର ଭାବ ଲେଖିବି
କହନା କଣ କଣ ସବୁ ଲେଖିବି ?



ସମୁଦ୍ରକୁ ସାମଗ୍ରିକତାରେ ଲୀନା ଲେଖିବି
ଅଧିକାରରେ ତମେ ମୋର ଲେଖିବି
ମନ୍ଦିରରେ କରିଥିବା ପୂଜାର ପ୍ରାପ୍ତି ଲେଖିବି
ଆତ୍ମା ସହିତ ଆତ୍ମାର ପରିଚୟ ଲେଖିବି
ତମକୁ ତମଠୁ ଅଧିକ ଜାଣିଥିବାର
ପ୍ରମାଣ ଲେଖିବି
କୁହନା କଣ କଣ ସବୁ ଲେଖିବି ?

ନିଜକୁ ନିଜଠୁ କମ ଲେଖିବି
କରି ନଥିବା ଭୁଲର ପ୍ରାୟଶ୍ଚିତ ଲେଖିବି
ଆକାଶକୁ ପୃଥିବୀର ରାଣ ଲେଖିବି
ମେଘ ବିଜୁଳିର ଆଗମନ ଲେଖିବି
ସୂର୍ଯ୍ୟର ସକାଳ କିରଣ କାକରକୁ ଆଲିଙ୍ଗନ
କରିବାର ସ୍ପର୍ଶ ଲେଖିବି
ଦୁନିଆର ଭିଡ ଭିତରେ
ଖୋଜି ଆଣିବାର ପ୍ରତିଶ୍ରୁତି ଦେବି
କୁହନା, କଣ ଲେଖିଲେ
ତମେ ଫେରି ଆସିବ ।

ଅନୁରାଗ
ବି/୧୦, ପ୍ରତିଭା ଏନ୍‌କ୍ଲେଭ,
ବିଜେବି ନଗର, ଭୁବନେଶ୍ୱର
ମୋ - ୯୪୩୭୧୨୩୨୪୮

# ରାମ ନାମ ଗାଇ ଯା'ରେ ମନୁଆ

ଶରତ କୁମାରୀ ମିଶ୍ର





ରାମନାମ ଗାଇ ଯା'ରେ ମନୁଆ
କୃଷ୍ଣନାମକୁ ତୁ ଗାଇ ଯାଆ
ଏ ଦୁନିଆ ଦେଖିତୁ ଛାନିଆ
ଆଉ ହୁଅନା ତୁ ରହିଯାଆ ।

ରାମନାମ ସଂସାରରେ ସାର
କୃଷ୍ଣନାମେ ସବୁ ପାପ କ୍ଷୟ
ରାମକୃଷ୍ଣ ନାମ ମହାମନ୍ତ୍ର ଜପି
ସଂସାରକୁ କର ଜୟ ।
ତୋ ମଧୁର ସୁରେ ତୁ ବାଇଯାଆ
ରାମନାମ କୃଷ୍ଣନାମ ଗାଇଯାଆ ।

ରାମନାମ ବିନା ନାହିଁରେ
କିଛି ମଧୁର ଦୁନିଆରେ
କୃଷ୍ଣନାମ ଠାରୁ ଅଧିକ କି ଅଛି
ସୁନ୍ଦର କୁହ ତୁ ବାରେ
ରାମନାମ କୃଷ୍ଣନାମ ଗାଇଗାଇ ତୁ ଯାଆ
ରାମନାମ ଗାଇ ଯା'ରେ ମନୁଆ
କୃଷ୍ଣନାମକୁ ତୁ ଗାଇ ଯାଆ... ।

ଆଇ. ଆର୍. ସି. ଭିଲେଜ୍,
ଭୁବନେଶ୍ୱର

# ଜାଗର

ଶ୍ରୀମତୀ ପ୍ରତିମା ମିଶ୍ର



ସାଗର ମନ୍ଥନ ନିଃସୃତ ଜହର ପାନ
ଉତ୍ସର୍ଗୀକୃତ କର୍ମ ମୋର ବିଶ୍ୱ କଲ୍ୟାଣ
ଦେବ ଦୈତ୍ୟ ନରଙ୍କଦୁଃଖଦ ପ୍ରାର୍ଥନା
ବିମୋହିତ ମୋର ଚିନ୍ମୟ ଚେତନା
ମୁଁ ଶିବ ମୁଁ ମଙ୍ଗଳ
ଗଳେ ମୋର ଶୋହୁଥିଲା ବାସୁକୀ ଗରଳ।
ସ୍ମୃତି ଇଏ ବହୁତ ପୁରୁଣା
ମନ୍ଦିରରେ ଦୀପ ଜାଳୁ ଉଜାଗର ରହି
ମୋ ଭଲ ପାଇଁ ଅବା
ମୋତେ ଭଲପାଇ ନୁହେଁ
ଛଳନାରେ ମାଗି ନେଉ ପାର୍ଥିବ ପାଉଣା।
ଏ କି ଅଦ୍ଭୁତ ବ୍ୟତିକ୍ରମ ତୋର?
କାମ,କ୍ରୋଧ, ଈର୍ଷା ଲୋଭ
ତୋ ଜୀବନର ସାହାନାଇ ସ୍ୱନ
ପୁନଃ ପୁନଃ ଆବୃତ୍ତିରେ ସଢୁଛି ତୋ ମନ
ରୋଗଗ୍ରସ୍ତ ତନୁ ତୋର ହୁଏ ଜୀର୍ଣ୍ଣଶୀର୍ଣ୍ଣ
ସଢ଼ା ମନ ସାଥେ କିଏ କେବେ
ଜିଇଁ ପାରେ ପ୍ରକୃତ ଜୀବନ?
ଅକ୍ଷୟ ଲିପିରେ ଲେଖା ତୋର କୁତକର୍ମ
ମନ୍ଦିର ରେ ଦୀପ ଜାଳି ଉଜାଗର ରହି
ମୋଠାରେ ଛଳନା କରି
ମାଗୁଛୁ ତୁ ଭିକ୍ଷୁକ ଜୀବନ।
ପାପ କର ଅବା କର ପୂଣ୍ୟ
ମୋର ଚାରିପାରୁଶ ରେ ବନ୍ଧା
ତୋର ଏ ଜୀବନ ସଂସାର ମୋହରୁ
ପିଉଛୁ ନିଇତି ଜହର
ତୁ ବି ନୀଳକଣ୍ଠ
ତୋ ମୋ ଭିତରେ ଫରକ୍ ଟା ଜାଣୁ?
ମୁଁ ତାଣ୍ଡବ ମୁଁ ପ୍ରଳୟ
ବିଶ୍ୱ କଲ୍ୟାଣ ପାଇଁ ଥାପିଛି ବିଶ୍ୱାସ ବଳୟ
ତୋ ପାଇଁ ତୁ ଦୀପ ଜାଳୁ
ଛଳନାରେ ମାଗିନେଉ
ଅମୃତର ବର।



ସୃଷ୍ଟି ନିଳୟ, ଡୁମୁଡୁମା, ଭୁବନେଶ୍ୱର

ଅନୁସ୍ୱାର
ମାସିକ ଇ-ପତ୍ରିକା

# ଚଇତାଳି

ସରୋଜଲକ୍ଷ୍ମୀ ମହାନ୍ତି



ପ୍ରିତୀ ପୁରବୀର ତନୁତୀର୍ଥରେ
ତଇତାଳି ଛୁଇଁ ଯାଏ
ଋତୁରାଜ ଆସେ ଫୁଲଶର ଧରି
ପତ୍ରଝଡ଼ାର ଶେଷେ ।

କୃଷ୍ଣଚୁଡ଼ାର ନାଲି ଓଢ଼ଣୀରେ
କେତେଯେ ସପନ ବୁଣି
ମଧୁମାଳତୀର କୁଞ୍ଜ କାନନେ
ସୂରୁଜ ମାଗେ ମେଲାଣି ।

ପଞ୍ଚମତାନେ ପିକ ତୋଳୁଥାଏ
ମିଳନ ମଧୁ ରାଗିଣୀ
ମଲ୍ଲି ଗଜରାରେ ପ୍ରଣୟ ଚିଟାଉ
ଲେଖୁଥାଏ ରାଧାରାଣୀ ।

ସଞ୍ଜ ନଇଁଲେ ବାସ ଚହଟାଇ
ମଳୟ ବାରତା ଦିଏ
ଘଣ୍ଟ ଘଣ୍ଟାର ମନ୍ଦିର ଆଳତୀ
ଶଙ୍ଖ ଧ୍ୱନି ଶୁଭୁଥାଏ।



ନନ୍ଦନବିହାର, ଭୁବନେଶ୍ୱର

# ଯମୁନା ତୀରେ

ମଧୁସ୍ମିତା ମହାପାତ୍ର



ନୀଳ ନୀଳ ଯମୁନାର
ନୀଳାମ୍ବୁ ଦର୍ପଣେ
ନିଳୀମାର ମନଜିଣା
ଅପୂର୍ବ ପ୍ରତିଫଳନ
ନୀଳ ପଂଖ ମେଲି
ନୀଳ କେକା କେକୀ
ମନଲୋଭା ନୃତ୍ୟଛନ୍ଦେ
ହୁଅନ୍ତି ମଗନ।
କହ୍ନେଇର ନୀଳ ବାହୁବନ୍ଧେ
ନୀଳଶାଢ଼ୀ ପରିହିତା ନୀଳନୟନା
ନୀଳ ନୀଳ ଅପରାଜିତାର
ସୁସଜ୍ଜିତ ଦୋଳିପରେ
ସୁନ୍ଦର ପ୍ରେମୀ ଯୁଗଳ ଉପବେଶନ
ଏକ ବିନା ଆନତ ପାଗଳ
ଦର୍ଶନ ମାତ୍ରେ ଚକ୍ଷୁ
ହୋଇ ଯାଏ ଧନ୍ୟ ।
ଯମୁନାର ନୀଳବକ୍ଷେ
ପ୍ରସ୍ଫୁଟିତ ନୀଳ କୁମୁଦିନୀ
ହୃଦୟର ଅପୂର୍ବ ଉଚ୍ଛ୍ୱାସେ
ତପ୍ରସେ ହେବା ପାଇଁ
ଚନ୍ଦ୍ରମାରେ ଲୀନ।
ଏଣେ ଗୁଣୁ ଗୁଣୁ ଗାନେ
ମଧୁପାନେ ବ୍ୟସ୍ତ ଯେ ଭ୍ରମର
ପ୍ରେମର ସାନିଧ୍ୟ ପାଇଁ
ଅଟଇ ପ୍ରସନ୍ନ ।



ନୀଳାଦ୍ରୀ ବିହାର, ଭୁବନେଶ୍ୱର

# କୋଣାର୍କ

ସୁବ୍ରତା ମିଶ୍ର



ଭଗ୍ନ କୋଣାର୍କକୁ
ଦେବ ବୋଲି
ଅଭିନବ ରୂପ
କବି ତୁମେ
ଶବ୍ଦ ପରେ ଶବ୍ଦ ଯୋଡ଼ି
ନିରନ୍ତର
କରୁଛ ପ୍ରୟାସ।



ଗଢ଼ି ଦେବ ଏଠି
ଚାରୁ ହାସ୍ୟମୟୀ
ନିତ୍ୟାନନ୍ଦ ରୂପୀ
ଅନୁପମ
କାବ୍ୟ କୋଣାର୍କ -
ସ୍ତବ୍ଧ କରୁଥିବ
ମହିମା ଯାହାର
ଅନନ୍ତ ଯୁଗ
ପର୍ଯ୍ୟନ୍ତ...।

ଜୟଦୁର୍ଗା ନଗର, ଭୁବନେଶ୍ୱର
ମୋ- ୮୨୪୯୮୩୨୦୯୩

# ନେଳି କାଗଜ

ସ୍ୱାତି ମହାନ୍ତି





ଆକାଶିଆ ରଙ୍ଗ କାଗଜ  ରେ କଳା
ସ୍ୟାହି ରେ ମନକଥା ଲେଖେ

ପ୍ରଥମ  ପାରାରେ
ହେ ପ୍ରିୟ ...
କାନ୍ଥ ଆରପାଖେ  ଦେଖଇ ମନ
ଆଖିରେ ପ୍ରିୟ ଓଠରେ ମିଠା ମିଠା
ହସ ଚହଟେ...
ଡିବିରୀ ବତୀ  ସଳିତା ଜଳେ
ମନ ଭିତର ଉଆଁସୀ ମନ ଟା
ଗୁମୁରି ଉଠେ......
ଆସିବାର ଥିଲା ଯେ...??

ଦ୍ୱତୀୟ ପାରାରେ...
ଘର ଜଂଜାଳ!
ଅଟା, ଚାଉଳ ଡବାର ଖବର
ଏଡିକି ବକଟେ ପେଟ ପାଇଁ,
ଚିଠା ମାଳ ମାଳ...।

ପାରା ଆସେ  ତିନି
ବୁଢ଼ୀ ମା'ର ବ୍ଲଡ଼ପ୍ରେସର ଔଷଧ
ମୁଭ ମଲମ କେବେଠୁ ସରି ଗଲାଣି
ବିଛଣାରେ ଥାଇ ତୁମ ମା'ଙ୍କର
କାଳିଆକୁ ଶତ ଜୁହାର ।

ଚତୁର୍ଥ ପାରାରେ  ମାନ ଅଭିମାନ
ଯେବେଠୁଁ ଆସିଚି ଟପି
ଏ ଏରୁଣ୍ଡି ଦୁଆର
ଲାଗେ ମତେ ତମେ ଭାରି ନିଜର
କିନ୍ତୁ ଏଇ ନେଳି କାଗଜକୁ
ଅପେକ୍ଷା କରି କରି
ମନ ପୋଡ଼ିଯାଏ ମୋର...।

କାଗଜ ବି ସେଦିନ ଲୁଚକାଳି ଖେଳେ
କେତେ କଥା ଲେଖିବାକୁ ମନ
ସେ କିନ୍ତୁ କୁହେ
ଆଜି ପାଇଁ ମୋର ଆଉ ନାହିଁ ବେଳ...।

ଯେଉଁଠି ଥା ଭଲ ରେ ଥା।
ରହିଲି, ଇତି
ମୁଁ ତୁମର

ଜେଡ୍ ୱାନ୍ ଇଷ୍ଟେଟ୍,
ଭୁବନେଶ୍ୱର

# ତୁମ ସୃଷ୍ଟିର ଶ୍ରେଷ୍ଠ ବରଦାନ

ଡକ୍ଟର ପ୍ରବୀଣା ପରିଡ଼ା



ଆସ ଶିଳ୍ପୀ! ଦେଖିଯାଅ ଥରେ
ତୁମ କୁହୁକ ସ୍ପର୍ଶର ଶ୍ରେଷ୍ଠ ବରଦାନ।
ଖୋଜୁଛି ତିନିପୁର ସ୍ୱର୍ଗରୁ ପାତାଳ
ଅପଲକ ନୟନେ ରହିଛି ଚାହିଁ
ପାଇବାକୁ ଟିକେ ଦରଶନ,
ପ୍ରତୀକ୍ଷାରେ ବିତିଯାଏ ରାତିଦିନ।
ମନପବନ ଘୋଡାରେ ସବାର ହେଇ
ଅଚାନକ ହେଲ ଉଭା
ଚାଲିଗଲଏକା କରି ମୃଦୁସ୍ପର୍ଶ ଦେଇ
ଥରୁଟିଏ ଦେଇଛି କି ତୁମକୁ ମୁଁ ବାଧା?
ଦିବା ନିଶି ଝୁରୁଛି ତୁମକୁ
ଅପବାଦ ଢେଉ ଭାଙ୍ଗି ସମର୍ପିତା
କଣ୍ଟକିତ ପଥ ଡେଇଁ ସାଜିଛି ଶ୍ରୀରାଧା!
ବଇଁଶୀର ମୂର୍ଚ୍ଛନାରେ ବିଭୋର ପଣରେ
ସଦା ପ୍ରତୀକ୍ଷାରେ ତୁମ ଅଳସୀ କନ୍ୟା।
ମାଟି ପିଣ୍ଡୁଳାରେ ଜୀବନ୍ୟାସ ଦେଇ
ହାତ ପାଦ ଜାନୁରେ ରକ୍ତ ସଞ୍ଚରିଲ
ଓଠରେ ହସର ଜୁଆର ଛୁଟାଇ
ଆଖିର ପଲକେ ଉଭାନ ହେଇଗଲ?
ଝୁରୁଛି ତୁମକୁ ତୁମ ହାତ ଗଢା ମୂର୍ତ୍ତି,
ସହିଛି  ନିହାଣର କଷ୍ଟ
ସେ ମୃଦୁକମ୍ପନେ ଶିଖିଛି ଜୀଇଁବାର ସ୍ୱାଦ
ଅହରହ ଖୋଜୁଛି ସେ ସ୍ପର୍ଶ
ଜୀବନ୍ୟାସ ପାଇ ଲୋଡେ
ସେ ପୁଲକିତ ରାଗିଣୀର ନାଦ।
ହେ ଶିଳ୍ପୀ! ଉଭା ହୁଅ ଥରେ
ଅଳସୀ ନୟନେ ଭରିଦେଇ ସପନ
ପ୍ରୀତିର ପରଶେ ଭିଜିଯାଉ ତନୁମନ
ସେ ପରା ତୁମ ସୃଷ୍ଟିର ଶ୍ରେଷ୍ଠ  ଅବଦାନ।



ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ – ୮୮୯୫୫୪୭୭୬

# ଆଃ...! ପଖାଳ

ଦମୟନ୍ତୀ ଷଡ଼ଙ୍ଗୀ



ମାର୍ଚ୍ଚ କୋଡ଼ିଏ ପଖାଳ ଦିବସ
ଚାରି ଆଡେ ପଡେ ହୁରି,
ପଲ୍ଲୀ ରୁ ସହର ଏ ଦିବସ ଚର୍ଚ୍ଚା
ଯାଏ ଆଜି ମାଡ଼ି ମାଡ଼ି।
ଓଡ଼ିଆ ରାଜ୍ୟର ପଖାଳ ମହିମା
କିଏ ବା ନ ଜାଣେ କୁହ,
ସେହି ରାଜ୍ୟେ ଆଜି ପଖାଳ ଦିବସ
ଆଖିରେ ଆଣୁଛି ଲୁହ।
ଦିନ ଥିଲା ଏହି ପଖାଳ କଂସାଟି
ଥିଲା ଓଡ଼ିଆଙ୍କ ପ୍ରାଣ,
ଶାଗ, ବଡିଚୁରା ସାଥେ କଞ୍ଚା ଲଙ୍କା
କିଣେ ସଭି ଙ୍କର ମନ।
ଆଧୁନିକତାର ଛାପ ପଡିଗଲା
ପଖାଳ ଉଭେଇ ଗଲା,
ବିରୀୟନୀ,ବର୍ଗର, ମ୍ୟାଗି, ଚାଉମିନି
ପାଗଳ ସଭିଙ୍କୁ କଲା।
ଭୁଲି ଗଲେ ଧୀରେ ପଖାଳ କଂସାକୁ
ଓଡ଼ିଆ ପ୍ରାଣର ଛବି
ଆଜି କିନ୍ତୁ ଆମେ ଦିବସ ପାଳୁଛେ
ଅତୀତକୁ ଭାବିଭାବି।
ଆସ ଆସ ବନ୍ଧୁ ଆସ ପରିଜନ
ଅତୀତକୁ ଯିବା ଫେରି,
ବିଶ୍ୱ ବିଖ୍ୟାତ ପଖାଳ କଂସାର
କେହି ହେବେ ନାହିଁ ସରି।



ଅନୁଗୋଳ

# ହେ ଈଶ୍ୱର

ଶୋଭାମୟୀ ପଣ୍ଡା



ହେ ଈଶ୍ୱର ତମେ ସର୍ବେଶ୍ୱର
ପ୍ରାଣ ଦାତା ସାରା ଜୀବ ଜଗତର
ଦେବ ଦେବ ଆହେ ମହାଦେବ
ପାପିକୁ  କର ପାବନ ହେ ଶଙ୍କର ଶିବ
ହେ  ତ୍ରିଗୁଣଧାରୀ ତ୍ରିପୁରାନ୍ତ କାରୀ
ଆର୍ତ୍ତ ଅଭିଶପ୍ତେ ଦିଅ ଉଦ୍ଧାରି
ନୀଳକଣ୍ଠ ସାଜି ଆକଣ୍ଠ ଗରଳ ପିଅ
ବନ୍ଧନରୁ ମୁକ୍ତି ମାର୍ଗକୁ ନିଅ
ଆହେ ମହାଯୋଗୀ ତୁମେ ସର୍ବ ତ୍ୟାଗି
ସର୍ବ ଦାତା ପ୍ରଭୁ ଆହେ ଅଦିଯୋଗି
ଭବ, ଭୟ ହାରୀ ହେ ମଙ୍ଗଳ କରୀ
ସମ୍ପଦେ ବିପଦେ ପ୍ରାଣେଛନ୍ତି ନିରନ୍ତର
ଗଙ୍ଗାଧର ହୋଇ ଗଂଗା ମସ୍ତକେ ବୁହ
ସର୍ବ ଅନ୍ତର୍ଯ୍ୟାମୀ ଭାବେ ତୁମେ ବ୍ୟାପିଥାଅ
ଆଶୁତୋଷ ଅଳ୍ପ ସଂତୁଷ୍ଟି ପାଇଁ
ଯୋଗୀ ବଇରାଗୀ ଶ୍ମଶାନେ ରହି
ହେ ଈଶ୍ୱର ତମେ ସର୍ବେଶ୍ୱର



ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ – ୮୮୯୫୫୪୭୭୬

# ରୁଷିଛି ଫଗୁଣ

ବୀରେଶ୍ୱର ମହାନ୍ତି



ଅଳପ ଦେଖାରେ ଚୋରା ଚାହାଣିରେ
ହଜିଗଲା ମୋର ମନ
ଅଳପ କଥାରେ ଅଳପ ହସରେ
ଭିଜିଗଲା ମୋର ମନ ।

ଆକାଶରେ ଯେତେ ଜହ୍ନ
ସବୁଥିରେ ତୁମ ଚିହ୍ନ
ବଗିଚାରେ ଯେତେ ଫୁଲ
କେହିନୁହେଁ ତୁମ ତୁଲ
ତୁମ ଗନ୍ଧଛନ୍ଦ ସବୁତ ନିଆରା
ତୁମ ହସକାନ୍ଦ ସବୁ ଅପାଶୋରା ।



ତୁମ ଅଧରରୁ ନେଇ ହସ ଧାରେ
ମନ ଉପବନେ ଚଇତାଳି ମାତେ
ତୁମ ନୟନ କୋଣର ଲୁହ ଟୋପେ
ଲୁହ ନୁହେଁ ସେତ ମୁକୁତା ବିନ୍ଦୁଟେ
ତୁମ ରଙ୍ଗ ନେଇ ହସେ କୃଷ୍ଣଚୂଡା
ତୁମ ବାସ ନେଇ ବାସେ ମଲ୍ଲୀଚମ୍ପା ।

ତୁମ ଦେହେ  ମାମୁଲି ଶାଢ଼ୀ  ସୁନ୍ଦର
ନଦେଖିବା ଲୋକ ଦେଖେ ବାରବାର
ତୁମେ ଥିଲେ ପାଖେ ପାଖେ
ମରୁଭୂମି ବି ସବୁଜ ଦିଶେ
ତୁମକୁ ନେଇ ଫଗୁଣ ଚମକ
ତୁମକୁ ନେଇ ବସନ୍ତର ସବୁ ରଙ୍ଗ ।

ହେଲେ ତୁମେ ଗଲା ପରେ
ମତୁଆଲା ଫଗୁଣ ରୁଷିଛି
ମଳୟ ଥମିଛି ଗାଁ ପବନରେ
ଝରଝର ଶ୍ରାବଣ ଝରୁଛି   ।

ସି – ୧୦୫, ଶୁଭମ୍ ରଯ୍ଯାଲ,
ଘାଟିକିଆ, ଭୁବନେଶ୍ୱର
ମୋ.- ୯୯୩୮୬୧୫୬୭୧

# ମଧୁମୟୀ ଉଷା

ମାନଗୋବିନ୍ଦ ବାରିକ୍





ଅସ୍ତ ଚନ୍ଦ୍ରମାର          ରଜତ ଜୋଛନା
ହୋଇ ଆସିଲାଣି ମ୍ଲାନ ,
ପୂର୍ବାଶାର ଆଶା        ତେଜି କୁଆଁତାରା
ଗଗନେ ହେଲେଣି ଲୀନ ।

ଆଦ୍ୟ ଆଦିତ୍ୟର        ଦୀପ୍ତିମୟ ଆଭା
ସୌମ୍ୟ ସୁରମ୍ୟ ଚମକ ,
କମନୀୟ କାନ୍ତି          ହିରଣ୍ମୟ ଦ୍ୟୁତୀ
ପ୍ରାଣରେ ଭରେ ପୁଲକ ।

ପ୍ରାଚୀ ଆକାଶରେ       ସୁଷମା ପ୍ରକାଶେ
ଲଳିତ ଲାବଣ୍ୟ ଉଷା ,
ପ୍ରଭାତୀ ବିହଙ୍ଗ          କଣ୍ଠୁ ଶୁଭିଲାଣି
ମଙ୍ଗଳ ମଧୁର ଭାଷା ।

ବନ ଉପବନେ          କୁସୁମ ସୁବାସେ
ପ୍ରୀତିର ସୁରଭି ନେଇ ,
ଧୀର ସମୀରର          ମଧୁ ମଳୟରେ
ମହକିତ ହୁଏ ମହୀ ।

ପୁଣ୍ୟ ଦେବାଳୟ        ଉପକଣ୍ଠୁ ଶୁଭେ
ମଙ୍ଗଳ ଆଳତି ଧ୍ୱନୀ ,
ତରୁଣ ଅରୁଣ          କନକ କିରଣେ
ପ୍ରଣୟେ ଝୁମେ ପଦ୍ମିନୀ ।

ମୌକ୍ତିକ ମଞ୍ଜୁଳା       ଦୀପ୍ତିମୟୀ ଧରା
ପ୍ରସନ୍ନ ପ୍ରକୃତି ବେଶ ,
ବସୁନ୍ଧରା ଅଙ୍ଗେ        ଉଷା ମଧୁରଙ୍ଗେ
ଭରିଛି ପ୍ରାଣେ ଆୟୁଷ ।

ମଧୁମତୀ ଉଷା          ମଙ୍ଗଳ ଲଗ୍ନରେ
ବାଳଭାନୁ ଜ୍ୟୋତିର୍ମୟ ,
ବିମୁଗ୍ଧା ଧରଣୀ          ଅରୁଣ କିରଣେ
ବସୁମତୀ ମଧୁମୟ ।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି. ଡ.ଏ କଲୋନୀ, ଫେଜ୍ -୧ ,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨ ୬୬୬୩୫

# ବିଷାଦ ଋତୁ

ଭୁବନେଶ୍ୱର ବିଶି



କଅଁଳୁଥିବା ପତ୍ରରେ
ଫିଙ୍ଗି ଦେଇଛ ବାରୁଦ
ମଳୟ ପବନ ବହିବା ବେଳକୁ
ଚହଟି ଯାଉଛି
ପୋଡା ବାରୁଦର ଗନ୍ଧ
ପାଣି ପାଇଁ ବ୍ୟାକୁଳ
ହେବା ସମୟରେ
ଖଣିଜ ତୈଳ ପାଇଁ ରାଜନୀତି
ବଂଚିବା ପାଇଁ ସଂଘର୍ଷରେ
ମଣିଷ ବ୍ୟସ୍ତ ଥିବା ବେଳେ
ଯୁଦ୍ଧକୁ ଠେଲି ଦେଇ
ସଜାଡୁଛ ନିଜର ଅର୍ଥନୀତି ।
ଏଇନା ଫୁଲ ଫୁଟିବାର ବେଳ
ଡାଳ ସବୁ କାଟି ଦେଇ
ବ୍ୟଥିତ ପାଦପ ଉପରେ
କରୁଛ ଶାନ୍ତିର ବେଭାର ।
ପୋଡି ଯାଉ ତମ ଧର୍ମ,
ଅର୍ଥ, କାମ, ମୋକ୍ଷ ନୀତି
ପାହାଡ଼ ମଝିରେ
ଅମୃତର ନଈ ବହିଗଲେ ବି
ବିଷର ଜ୍ୱାଳାରେ
ଥରୁଅଛି ଛାତି ।



ରେଳବାଇ କଲିନୀ, ଜୟପୁର,
କୋରାପୁଟ
ମୋ : ୭୫୮୭୪୪୫୮୦୩

# ସଂଘର୍ଷ

ଯଜ୍ଞଦତ୍ତ ସାମନ୍ତରାୟ



ଜୀବନ ସଂଘର୍ଷମୟ
ସଂଘର୍ଷର ଅନ୍ୟ ନାମ ହିଁ
ଜୀବନ
ଏମିତି କହିଲେ
ସଂଘର୍ଷ ବିନା ଜୀବନ ନାହିଁ
ସେ କାଳରୁ ଏ କାଳ ଯାଏଁ
ମଣିଷ ସଂଘର୍ଷ କରି ଆସିଛି
ଜୀବନରେ ସଫଳତା ପାଇଁ,
କିଛି ପାଇଛି ତ କିଛି ହରେଇଛି
ବେଳେ ବେଳେ
ସମସ୍ତ ପ୍ରୟାସ ସତ୍ତ୍ୱେ
ଉତ୍ତମ ପରିଣାମ ମିଳେ ନାହିଁ
ତଥାପି ଜୀବନ ସଂଗ୍ରାମରେ
ହାରି ନ ଯାଇ
ଦୃଢମନୋବଳ ନେଇ
ସଂଘର୍ଷ ଜାରି ରଖି
ଭବିଷ୍ୟତରେ ସଫଳତାର
ସମ୍ଭାବିତ ଆଶାକୁ ଦ୍ୱିଗୁଣିତ କରି
ଅଧିକରୁ ଅଧିକ
ସଂଘର୍ଷ କରିବାକୁ ହେବ ।



ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪

# ଜଳ ହିଁ ଜୀବନ

ଗୀତାଞ୍ଜଳି ମେହେର



ଜଳ ବହୁଳେ ସୃଷ୍ଟିନାଶ
ଜଳ ବିହୁନେ ସୃଷ୍ଟିନାଶ
ଜାଣନ୍ତି ସବୁ ବ୍ୟକ୍ତି ବିଶେଷ ।

ଜଳ ହିଁ ଅଟେ ଆମ ଜୀବନ
ତା ବିନୁ ବଞ୍ଚି ପାରେନା ପ୍ରାଣ
ମିଳିମିଶି ତାର ରଖିବା ମାନ ।।

ଜଳର ଅଛି ବଡ ମହତ୍ତ୍ୱ
ବୁଝିବା ଚାଲ ତା'ର ତତ୍ତ୍ୱ
ଆମହାତେ ଅଛି ସବୁ ତଥ୍ୟ ।।



କରିବା ଜଳ ସଂରକ୍ଷଣ
କୂଅଁ,ପୋଖରୀ କରି ଖନନ
ଗାଁ,ସହର ଅବା ହେଉ କାନନ ।।

ଖରା ଦିନ ଏବେ ଆସୁଛି ମାଡି
ଆଗରୁ ରଖିବା ସବୁ ସଜାଡି
ଜଳାଭାବ ନ ହେବ ଯେପରି ।।

ତରୁ,ଲତା,ପଶୁ,ପକ୍ଷୀ,କୀଟ
ନ ଭୋଗନ୍ତୁ କେହି ଜଳ ସଂକଟ
ଆମ ଜୀବ-ଜନ୍ତୁ ଆମରି ମିତ ।।

ସର୍କାର ସଙ୍ଗେ ମିଳାଇ ହାତ
ଜାଗା-ଜାଗା ଖୋଲିବା ଜଳଛତ୍ର
ତୃଷାର୍ତ୍ତ ବାଟୋଇ ଜଳପିଇ ହୋଇବେ ତୃପ୍ତ ।।

ଢେଙ୍କାନାଳ
ମୋ : ୯୪୩୯୪ ୬୬୨୨୬

# କୋଇଲି

ପ୍ରଫେସର ପ୍ରତିମା ଷଡ଼ଙ୍ଗୀ



ବସନ୍ତ ଆସିଲା ବସନ୍ତ ଆସିଲା
ବସନ୍ତ ଆସିଲା ଭାଇ
ଆମ୍ରକାନନରେ କୋଇଲି ଗାଇଲା
କୋଇଲି ଗାଇଲା ଭାଇ ।
କୁହୁକୁହୁ ତାନେ ମନମୋହି ନେଲା
ମନମୋହି ନେଲା ଭାଇ
ଫୁଲରୁ ଫୁଲକୁ ଉଡି ଅଳିକୁଳ
ଗୁଣୁଗୁଣୁ ଗୀତ ଗାଇ ।
ପେଣ୍ଟା ପେଣ୍ଟା ହୋଇ ବଉଳ ଝୁଲଇ
ମନମତାଣିଆ ବାସ
କଳାକୋଇଲିର ମଧୁର ସଙ୍ଗୀତ
ମନରେ ଭରେ ବିଶ୍ୱାସ ।
ପଲାଶ ଶିମିଳି ସୁନ୍ଦରୀ ଲଳିତା
ରୂପ ରଙ୍ଗେ ମନମୋହେ
ଭୃଙ୍ଗ ଯାଏନାହିଁ ତାଙ୍କ ପାଶେ କେବେ
ତଥାପି ପ୍ରକୃତି ହସେ।
ପିକସ୍ୱନ ଶୁଣି ମନ ଉପବନ
ଉଲ୍ଲସିତ ଉତ୍ତେଜିତ
ପ୍ରେମିକ ପ୍ରମିକା କୋଇଲି ସ୍ୱନରେ
ମତ୍ତଗଜ ଉନ୍ମାଦିତ ।
କାକ କଳା ପିକ କଳା କଣ୍ଠସ୍ୱର
କର୍କଶ ମଧୁମଳୟ
ବସନ୍ତ ଆଗମେ କାକ କତୁ କାକ
ପିକ ପିକ ମଧୁମୟ ।
ଆମ୍ରକୁଞ୍ଜେ ମଧୁମଳୟ ବରଷେ
କୋଇଲି ମୁର୍ଚ୍ଛନା ତୋଳେ
ହୃଦୟରେ କିଏ ମଧୁ ବୋଳିଦିଏ
ଆନନ୍ଦେ ମନ ଦୋହଲେ ।



ଭୁବନେଶ୍ୱର

# ଅସ୍ତିତ୍ୱ

ହରପ୍ରିୟା ପଣ୍ଡା



ପୁରୁଷ ପ୍ରଧାନ ଦୁନିଆଁରେ ଯେବେ
ନାରୀ ଟିଏ ହୁଏ ଅବହେଳିତା
ଚିତ୍କାର କରେ ଅନ୍ତରାତ୍ମା ତାର
ଭାବେ, ଆକାଶକୁ ଉଡ଼ିଯାଆନ୍ତା ।

ନିଜ ପରିଚୟ ସୃଷ୍ଟି କରି ନିଜେ
ମୁଣ୍ଡ ଟେକି ବାଟ ଚାଲୁ ଥାଆନ୍ତା,
ତା ପରିଶ୍ରମର ମୂଲ୍ୟ ବି ପାଆନ୍ତା
ନିଜପାଇଁ ନିଜେ ଗର୍ବ କରନ୍ତା ।



ଉଦାହରଣ ସେ ହୁଅନ୍ତା ସବୁରି
କନ୍ୟା ସନ୍ତାନର ମାନ ବଢ଼ାନ୍ତା,
ଭୃଣ ହତ୍ୟା କେହି କରିବା ପୂର୍ବରୁ
ତା'ସୁରକ୍ଷା କଥା ଚିନ୍ତା କରନ୍ତା ।

କନ୍ୟା ବି ଆସନ୍ତା ଏଇ ଦୁନିଆଁକୁ
ସମ୍ମାନର ସହ ବଞ୍ଚିବା ପାଇଁ,
ଅସ୍ତିତ୍ୱ କୁ ତାର ସ୍ୱୀକାର କରନ୍ତେ
ଅନ୍ତରୁ ତା' ପାଇଁ ସ୍ନେହ ଝରାଇ ।

ନାରୀର ବିଦ୍ରୋହ ଫଳବତୀ ଆଜି
ପ୍ରତିଷ୍ଠିତା ସିଏ ସବୁ କ୍ଷେତ୍ରରେ,
ନିଜର ଅସ୍ତିତ୍ୱ ଖୋଜି ପାଇଛି ସେ
ଲତା ନୁହେଁ ଆଜି ଦ୍ରୁମ ରୂପରେ ।

କଟକ

# ଶ୍ରୀରାମ ନବମୀ

ରାଧାରାଣୀ ପଟ୍ଟନାୟକ



ମଙ୍ଗଳକାରୀ ହେ ଦୀନ ବାନ୍ଧବ
ଶ୍ରୀ ରାମ ସୁନ୍ଦର ଶ୍ୟାମ ।
ହେ ମହାପ୍ରଭୁ ନ୍ୟାୟ ଦାତା ତୁମେ
ରାଜା ଅଟ ଏହି ଧାମ ।

ତୁମେ ଅଟ ପରା ଦୟାର ସାଗର
ପ୍ରଜାଙ୍କର କଷ୍ଟ ହାରି
ଦେଖିଲେ ତୁମକୁ ଜୀବନ୍ୟାସ ମିଳେ
ହେ! କଷଣ ହରିତ ହରି ।

ହେ ପ୍ରଜାବତ୍ସଳ ଭକତବତ୍ସଳ
ପାଷାଣେ ଦେଲ ଜୀବନ ।
ଆହେ ପ୍ରଭୁ ରାମ ତୁମ ନାମ ଶୁଣି
ରାକ୍ଷସ ସାଜେ ସତ୍ ଜନ ।

ସଦା ଝରୁ ଥାଉ ତୁମରି କରୁଣା
ସାରଥୀ ସାଜ ଆମ ପଥେ ।
ହେ ପ୍ରଭୁ କରୁଣା ବର୍ଷୁ ଆମ ମୁଣ୍ଡେ
ସଦା ଚାଲୁଥିବ ଆମ ସାଥେ ।

ଜୀବନର ଅନ୍ତେ ଲୋକେ କହିଥାନ୍ତି
ରାମ ନାମ ସତ୍ୟ ହେ ।
ଆମ ହୃଦୟରେ ତୁମେ ଥିଲେ ସିନା
ପାଇବୁ ନିର୍ବାଣ ପ୍ରାପ୍ତି ହେ !



ଚନ୍ଦନ ନଗର, ବରଗଡ଼
ମୋ -୮୯୧୭୨୩୭୧୩୭

# ଆଲୋକିତ କର ପ୍ରଭୁ

ଅସୀମା ରାୟ(ଖୁଣ୍ଟିଆ)



ଆଲୋକିତ କର ପ୍ରଭୁ
ତୁମ ଆଲୋକରେ
କମ୍ପନ ଦିଅ
କରୁଣା ଦିଅ
ନିଦ ଦିଅ,
ସେ ସ୍ୱପ୍ନରେ
ତୁମେ ଦେଖାଦିଅ
ଯେବେ କେହି ନଥାନ୍ତି
ତୁମ ପାଖରେ ।



କେବେ ଦେଖା ହୁଅ
ଶୂନ୍ୟ ରୂପେ ତୁମେ ବ୍ରହ୍ମ
କେବେ ପୁଣି ପୂର୍ଣ୍ଣବ୍ରହ୍ମ ।

ତୁମ ଆଖିରେ ଆଖି ମଜ୍ଜେ
ଅପୂର୍ବ ସେ ବେଶ ଭୂଷା
ତୁମ ଆଖି ମାୟାରେ
ହଜି ଯାଏ ମୋର ଭାଷା ।

ଗୁଆମାଳ, ଭଦ୍ରକ

# ସ୍ମୃତି



ନୀନା ବଳିୟାରସିଂ

କିଛି ସ୍ମୃତି ଥାଉ
ସ୍ନେହର,ଶ୍ରଦ୍ଧାର,ପ୍ରେମ ପ୍ରଣୟର
ଆଦ୍ୟ ଆଷାଢ଼ର,ପୂର୍ଣ ବସନ୍ତର
ମନକୁ ଆସିଲେ
ଧୋଇଦିଏ ଯାହା ହୃଦୟର ଗୁରୁଭାର
ଖେଳିଯାଏ ହସ ଓଠର ଧାରରେ
ଲିଭିଯାଏ ଅଶ୍ରୁଧାର ।



କିଛି ସ୍ମୃତି ଥାଉ
ଖୁସିର,ଶାନ୍ତିର,ତୃପ୍ତିର,ପ୍ରାପ୍ତିର
ଶାନ୍ତ ପ୍ରକୃତିର, ପ୍ରଶାନ୍ତ ରାତିର
ମନକୁ ଆସିଲେ
ଭରିଦିଏ ଯାହା ଜୀବନରେ ଆଶାଧାର
ଲାଗେ ଏ ଜୀବନ ଶାନ୍ତ ନଈଧାର
ନିର୍ମଳ ଛଳଛଳ ।

ଲିଭିଯାଉ ସ୍ମୃତି
ଦୁଃଖର,ଶୋକର,ହତାଶ ଆଶାର
ଭଙ୍ଗା ହୃଦୟର, ଆହତ ମନର
ମନକୁ ଆସିଲେ
ଭରିଦିଏ ଯାହା ଆଖିରେ ଅନ୍ଧାର
ଦବିଯାଏ ଛାତି ଅଜଣା ଦରଜେ
ବହିଯାଏ ଅଶ୍ରୁଧାର ।

ଥାଉ କିଛି ସ୍ମୃତି
ରାସ୍ତାର ଧାରରେ ଜଙ୍ଗଲୀ ଫୁଲର
ବାଲ୍ଯ କୈଶୋରର ସଖୀସଙ୍ଗତର
ନିର୍ମଳ ହୃଦୟେ ଭଲ ପାଇବାର
ମନକୁ ଆସିଲେ ଇଚ୍ଛା ହୁଏ ପୁଣି
ଫେରିଯିବା ପାଇଁ ସେଇ ଦୁନିଆକୁ
ବଞ୍ଚିବାକୁ ପୁନର୍ବାର ।

ମହାନଦୀବିହାର, କଟକ

# ପ୍ରକୃତ ଜୟ

ଅନୀତା ମିଶ୍ର



ଆଶାର ଶାଶ୍ୱତ ବହ୍ନି ପ୍ରଜ୍ଜ୍ୱଳିତ
ଶ୍ରଦ୍ଧାପୂର୍ଣ୍ଣ ହୃଦୟରେ
ନୈରାଶ୍ୟର ସ୍ଥାନ ହୁଏ ଅବସାନ
ଭାସେ ଖୁସିର ସ୍ରୋତରେ।

ପୂର୍ଣ୍ଣତମ ସିଦ୍ଧି ପ୍ରକୃତ ପ୍ରସିଦ୍ଧି
ମାନବ ହୃଦୟ ଜୟ
ସତ୍ୟତାର ସେବା ଜୀବନର ଆଭା
ସଂକଳ୍ପ ମହିମାମୟ।

ହିଂସାର ଆଳୟ ବିଦ୍ୱେଷ ବଳୟ
ସଂକୀର୍ଣ୍ଣ ଶ୍ୱାସ ରୋଧକ
ଅଜ୍ଞାନ ସକଳ କରେ ରସାତଳ
ଅଘ ପଥ ପ୍ରଦର୍ଶକ।



ଚିନ୍ତା ଓ ଚେତନା ଦିବ୍ୟତା ଧାରଣା
ଚିରଦୀପ୍ତ ଆକର୍ଷଣ
ଅନ୍ୟାୟ ଅସତ୍ୟ ହୁଏ ନିର୍ବାପିତ
ସ୍ୱଚ୍ଛ ହୃଦ ବିଚ୍ଛୁରଣ।

ହୃଦୟ ସ୍ୱଚ୍ଛତା ପ୍ରାଚୁର୍ଯ୍ୟ ପୂର୍ଣ୍ଣତା
ନବନିତ୍ୟ ଅନୁଭବ
ଶାନ୍ତି ଜ୍ୟୋତି ପ୍ରେମ ସ୍ନିଗ୍ଧ ଅପ୍ରତିମ
ତୋଳେ ଦିବ୍ୟ ବଇଭବ।

ସତ୍ୟତାର ପଥେ ଦିବ୍ୟତାର ପଥେ
ବହୁ ଧର୍ମର ମଳୟ
ଅଧର୍ମର ହେଉ ସର୍ବଦା ବିନାଶ
ସୃଷ୍ଟି ହେଉ ମଧୁମୟ।

ଭୁବନେଶ୍ୱର

# ସମ୍ପର୍କ

ପୁଷ୍ପାଞ୍ଜଳି ପଣ୍ଡା





ଯେମିତି  ଅଖାଡୁଆ ଲାଗେ
ଫୋପାଡିଲା  କଥାସବୁ ,
ସେମିତି ଅସହଜ ଲାଗେ
ଅପର କୁ ଆପଣେଇ ନେବା
ତଥାପି ଦି ଦିନର ଯାତ୍ରାରେ
ବେଳେ ବେଳେ ଆପଣାପଣ
ବାରି ହୋଇପଡେ।

ନିଜର କରିବା କଳାରେ
ପର ଲାଗେ ନିଜର ଅଚିହ୍ନା ଲାଗେ ଚିହ୍ନା
ପାଖରେ ବସିବା,ହସିବା ,ବାଣ୍ଟି ଖାଇବା
ଆହୁରି କେତେ କଣ..!!

ସମ୍ପର୍କ
ଜୀବନ ଭିତରେ ଅନେକ ଙ୍କୁ ଯୋଡ଼ିଦିଏ
ଗଢ଼ା ହୁଏ ସେତୁବନ୍ଧ
ଦି ଦିନ ପାଇଁ ହେଉ କି ଅନେକ ଦିନ ଯାଏ।
ସମ୍ପର୍କୀୟ ହେଲେ
ସୁଖରେ ଖୁସୀରେ ହସିବାକୁ ହୁଏ
ଦୁଃଖ ରେ ଆଖି ଓଦା କରିବାକୁ ହୁଏ।

ତଥାପି ସ୍ୱାର୍ଥ ଭିଲିୟାନ ସାଜେ
ଭାଙ୍ଗିଦିଏ, ପୋଛି ଦିଏ,ଠେଲିଦିଏ
ଭୁଲିଯାଏ ଅନେକ କିଛି।
ନିକଟ ସମ୍ପର୍କୀୟ ଦୁର ଲାଗେ
ଅଣ୍ଟି ଛୁରୀ ତଣ୍ଟି କାଟେ
ସ୍ୱାର୍ଥ ଆଗରେ ରହେ।

ଆହୁରି କଷ୍ଟ ଲାଗେ ଅସମ୍ଭବ ମନେହୁଏ
ସମ୍ପର୍କକୁ ପାଖରୁ ଦେଖିବା
ପରିସୀମା ବାହାରେ କଣ କମ୍ କଥା!
ଭୁଲିଯିବାକୁ ହୁଏ ରକ୍ତକୁ,
ମହାପ୍ରସାଦକୁ, ବନ୍ଧୁତ୍ୱକୁ
ବେଳେବେଳେ
ଏକଲା ବଞ୍ଚିବାର ଇଛା ଫଳବତୀ ହେଉଥାଏ
ବୟସର ଅପରାହ୍ନରେ
ପରବର୍ତ୍ତୀ ଷ୍ଟେସନରେ
ସମସ୍ତେ ଓହ୍ଲାଉ ଥିଲା ବେଳେ।

ସମ୍ପର୍କ ମଧୁର ନଥିଲେ
ତିକ୍ତ ସ୍ୱାଦରେ
ହାରି ଯାଇପାରେ ସବୁ
ମନ ଝୁରିହୁଏ ପଛକୁ
ଫେରିବାକୁ ଚାହେଁ
ପୁଣି ନୂଆକରି ଯୋଡ଼ିବାକୁ ଚାହେଁ
ଯାହା ଏତେ ସହଜ ନୁହେଁ ।

କେନ୍ଦ୍ରାପଡ଼ା
ମୋ- ୯୮୬୧୫୬୫୬୩

# ସେ ଏକ ଅସରନ୍ତି କାବ୍ୟ

ମନୋରମା ପଣ୍ଡା



ସେ ଏକ ଅସରନ୍ତି କାବ୍ୟ
ଯାହାର ଆରମ୍ଭ ଓ ଅନ୍ତ
ଅସୀମ ଅନନ୍ତ ଆଉ ଦୁର୍ଭେଦ୍ୟ
ଯିଏ ଈଶ୍ୱରଙ୍କ ମାନ୍ୟତାରେ ବିମଣ୍ଡିତା
ସେ ଦ୍ୱିତୀୟ ଈଶ୍ୱରୀ ନାରୀ
କେବେ କେବେ କୋମଳାଙ୍ଗୀ
ଲାଜକୁଳୀ କନ୍ୟା
କେବେ କେବେ କାମାକ୍ଷୀ, ରୂପସୀ ପତ୍ନୀ,
ଆଉ ପରିପୂର୍ଣ୍ଣା,ସ୍ନେହମୟୀ ତ୍ୟାଗମୟୀ ମା
କେବେ ପୁଣି ସର୍ବଂସହା ଜନନୀ,
ସୋହାଗିନୀ ପତ୍ନୀ ଆଉ ସୁଖ ଦୁଃଖର ବାନ୍ଧବୀ ।



କେବେ ସାଜେ କାତ୍ୟାୟନୀ ଦେବୀ
ଆଉ କେବେ ହୁଏ ସ୍ୱର୍ଣ୍ଣ ଲଙ୍କାର ନାୟିକା,
ମହାଭାରତର ଖଳନାୟିକା
ଯାହାର ଅଭିସମ୍ପାତରେ
ସ୍ୱୟଂ ନାରାୟଣଙ୍କର ଯଦୁ ବଂଶ ନିପାତ
ସେ ଆଉ କିଏ କି ? କେବଳ ଆଉ କେବଳ
ସେ ନାରୀ ଟିଏ ।

ତାହାର ଅନେକ ରୂପ ଅନେକ ରଙ୍ଗ,
ସୀମାହୀନ ଅସ୍ତିତ୍ୱ, ଅପରାଜେୟ ବ୍ୟକ୍ତିତ୍ୱ
ସକଳ ଗୁଣେ ଧୁରୀଣା ସର୍ବ ଶୁଭଙ୍କରି ଲକ୍ଷ୍ମୀପ୍ରିୟା ନାରୀ

ତା ପଣତ ବିଛାଇଦେଲେ
ଧରିତ୍ରୀ ଶାନ୍ତି ରେ ଶୋଇପଡ଼େ,
ତା ପଣତ ଉଡାଇଦେଲେ
ସାରା ସଂସାର ଉଜୁଡି ଯାଏ,
ତୋ କୋମଳ ସ୍ପର୍ଶରେ କେତେ ରଥି, ମହାରଥୀ
ବଳିଷ୍ଠ ପୁରୁଷ ର ଅହଂ ଚୁରମାର ହେଇଯାଏ,
ସେ  ଆଉ କିଏ କି? କେବଳ ନାରୀ ଟିଏ ।

ଭୁବନେଶ୍ୱର
ମୋ: ୮୭୫୮୯୭୧୮୧୭

# କବିତା ଗୋ ତୁମେ



ବାସନ୍ତୀ ବାରିକ୍

କବିତାଗୋ ତୁମେ         କବି ଅନ୍ତରର
ଅନ୍ତରଙ୍ଗ ଅନ୍ତଃସ୍ୱର ,
ଗୁପ୍ତ ଭାବାବେଗ         ମୁକ୍ତ ଆବେଗର
ଅନୁବନ୍ଧ ଇସ୍ତାହାର ।

ଭାବ,ଭାଷା,ଶବ୍ଦ,         ରସ,ତାଳ,ଛନ୍ଦ
ପ୍ରଜ୍ଞାଦୀପ୍ତ ହସ୍ତାକ୍ଷର ,
ବାଣୀ ଭାରତୀର         ଜ୍ଞାନ ଦିବ୍ୟାଞ୍ଜନେ
ଶବ୍ଦବ୍ରହ୍ମ ଗନ୍ତାଘର ।

ମୁଗ୍ଧ ଚେତନାର         ବିମୁଗ୍ଧ ଝଙ୍କାରେ
ସାରସ୍ୱତ ସପ୍ତସ୍ୱର ,
ଭାବ ଉଦ୍ ବେଗର         ଊର୍ମିଳ ଉଚ୍ଛ୍ୱାସ
ଉଲ୍ଲସିତ ପାରାବାର ।

ଶବ୍ଦ ମାଧୁର୍ଯ୍ୟର         ଛନ୍ଦ-ଐଶ୍ୱର୍ଯ୍ୟରେ
ଉତ୍କର୍ଷିତ ଚାରୁଧାର ,
ବାଣୀ-କୋଣାର୍କର   ଭାଷା-ଭାସ୍କର୍ଯ୍ୟରେ
କାରୁକଳା ସମାହାର ।

ଜ୍ଞାନ-ସାଗରର         ପ୍ରଜ୍ଞା-ପିୟୁଷରେ
ତରଙ୍ଗିତ ସୁଧାଝର,
କବି କଳ୍ପନାର         କଲ୍ଲୋଳ-କାନ୍ତିରେ
ଅଳକାନନ୍ଦାର ଧାର ।

କବି ତୁଳିକାର         ଚିତ୍ର ନୈପୁଣ୍ୟରେ
ଚିତ୍ରାଙ୍କିତ କଳେବର,
କବି ସୃଜନୀର         ସୃଷ୍ଟି ସମ୍ଭାରରେ
ନୈସର୍ଗିକ ସୁଧାଧାର।



ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି. ଡ.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ : ୬୩୭୨୦୮୪୭୧୫

# ଦେବାରେ ନାରୀ

ପ୍ରିୟଦର୍ଶିନୀ ନାୟକ



ମୁଁ ନାରୀଟିଏ, ମୁଁ ଖୁସିଦିଏ
ଅଲିଅଳି ଗେହ୍ଲୀଟିଏ
ବାପା କୁହନ୍ତି
ଲକ୍ଷ୍ମୀପ୍ରତିମା ଝିଅଟିଏ
ଭାଇର ଦୋଷଦୁର୍ବଳତାକୁ
ଲୁଚେଇଦେଉଥିବା
ସୁନାନାକି ଭଉଣୀଟିଏ ।

ମୁଁ ନାରୀଟିଏ, ମୁଁ ଖୁସି ଦିଏ
କନ୍ୟାରୂପେ ଦାନ ହେଇଯାଏ
ବାପାମାଙ୍କ ନର୍କ ଉଧାରପାଇଁ
ଏକ ଅଜଣା ପରିବାରକୁ
ଅଜଣା ଲୋକଙ୍କୁ ନିଜର
କରିବାକୁ ବାଧ କରାଯାଏ
ନିଜ ପରିଚୟ ବଦଳି ଯାଏ ।



ମୁଁ ନାରୀଟିଏ, ମୁଁ ଖୁସିଦିଏ
ଗେହ୍ଲୀ ଆଜି, ପରିବାରର
ବୋଝ ମୁଣ୍ଡେଇନିଏ
କର୍ତ୍ତବ୍ୟ ନାଁରେ ହୋଇ ବହୁଟିଏ
କିନ୍ତୁ, ଅଧିକାର ନାହିଁ କଉଥିରେ
ପୁରୁଷକୁ ପିତୃତ୍ୱ ପ୍ରଦାନ କରେ
ସନ୍ତାନ ପରିଚୟ ପାଏ ବାପା ନାଁ ରେ
ବଂଶ ରକ୍ଷା ପାଇଁ ଶୋଇବାକୁ ପଡେ
ନିର୍ବିବାଦରେ ମରଣର ଶଯ୍ୟାରେ ।

ଅଧ୍ୟାପିକା,ଓଡ଼ିଆ ବିଭାଗ,
ସିମୁଳିଆ ମହାବିଦ୍ୟାଳୟ,
ତଳାଙ୍ଗ, ଭଦ୍ରକ

# ମାତୃ ବିଳାପ

ହେମଲତା ଜେନା



ତୁ ଜମା ଆସେନା ଝିଅ
ଏବେ ମୋ ଗରଭେ
ଭୟଙ୍କର ଆଶଙ୍କାଗୁଡାକ
ଡରଉଛନ୍ତି ମତେ ପ୍ରତି ମୁହୂର୍ତ୍ତରେ
ଚାଲିଛି ଯୋଜନା ତତେ ଭ୍ରୁଣୁ ମାରିବାକୁ
ଜନ୍ମ ଯଦି ହୋଇଯିବୁ ଧନ,
ବାଧ୍ୟ କରାହେବ ପୁଣି ଫିଙ୍ଗିବି ବୁଦାରେ
ଭଉଣୀ ଜନ୍ମିଛି ତୋର ମୋ ପ୍ରଥମ ଗରଭୁ
ଦ୍ୱିତୀୟ ଗରଭେ ତେଣୁ ନଲୋଡେ କେ ତୋତେ
ଯହିଁ ଆ ପୁତ୍ର ଆ ପୁତ୍ର ବୋଲି
ଭଜେ ଏ ସମାଜ ମହାଉତ୍ସୁକତାରେ
ମାତୃପୂଜା ହେଉଥାଏ ମୃଣ୍ମୟୀ ମୂର୍ତ୍ତିରେ
କିନ୍ତୁ, ତୋ ସଂଚାରେ, ଭରିଯାଏ ବିଷାଦ
ଅନେକ ମନରେ
ଏବେ ତୁ ଆସିବୁ ଯଦି କରିବୁ ସଂଘର୍ଷ
ଧୂଳିଖେଳ ସମୟେ ବି ନରରୂପି ପିଶାଚଙ୍କ ଭୟ
ପାଦର ପାଣ୍ଠୋଇ ତୁ ତ ଏବେ ବି ସମାଜେ
ଅସହାୟ ମାଆ ମୁଁ ତୋ ଆଧୁନିକ ସମାଜେ
ବଢେ ମାନ ପୁତ୍ର ଜନ୍ମ କଲେ
ଜନ୍ମୁଥିଲେ ଝିଅ ସହେ ତିରସ୍କାରେ
ଏବେ ମତେ ମିଳଇ କଲ୍ୟାଣ
ହୁଅ ପୁତ୍ରବତୀ ବୋଲି
ଯେବେ ମତେ ଦେବେ ଆଶୀର୍ବାଦ
ଜ୍ଞାନୀ ମାନୀ ଜନେ, ହୁଅ କନ୍ୟାବତୀ
ସେବେତୁ ଆସିଲେ ଧନ ହୋଇବୁ ନିର୍ଭୟା
ଏବେ ଖାଲି ନିରବେ ଦେଖୁଥା
ତୋ ଅନୁପସ୍ଥିତିରେ ସମାଜର ଗତି ।



କମାଗଡ଼, ଅଣ୍ଡିଆ, ଯାଜପୁର

# ବରପୁତ୍ର ତୁମେ ଫକୀରମୋହନ

ଶ୍ରୀମତୀ ବ୍ରଜେଶ୍ୱରୀ ସିଂହ





ବରପୁତ୍ର ତୁମେ ଫକୀର ମୋହନ
ଓଡିଶା ମାଟିର ଗର୍ବ ଓ ଗୌରବ
ଆଜିବି ଝୁରୁଛି ଏ ମାଟି ତୁମକୁ
ମନରେ ପକାଇ ଅଶେଷ ଗୁଣ ।

ଦେଶପ୍ରେମ ବହ୍ନି କଲ ପ୍ରଜ୍ୱଳିତ
ଭାଷା ଆନ୍ଦୋଳନେ ଭରିଲ ଶକ୍ତି
ସାହିତ୍ୟ ଜଗତେ ସାରଥୀ ସାଜିଲ
କଲମ ମୁନରେ ହେଲ ପରିଚିତ ।

ଅନୁବାଦ ମହାଭାରତ, ରାମାୟଣ
ରେବତୀ, ଛଅମାଣ ଆଠଗୁଣ୍ଠ
ପେଟେନ ମେଡ଼ିସିନ, ଲଛମା
ପାଠକ ମନକୁ ଥିଲା ଛୁଇଁଣ ।

ଗରୀବ ଘରେ ଜନ୍ମ ହୋଇଥିଲ
ଅଳ୍ପ ବୟସେ ହରାଇ ପିତାମାତା
ନଅ ବରଷରେ ଚାଟଶାଳୀ ଗଲ
ବହୁ କଷ୍ଟେ ପାଠ ପଢିଣ ଥିଲ ।

ପଇସା ଅଭାବୁ ଛାଡି ପାଠ ଅଧା
ଚାକିରୀ କରିଲ ଶିକ୍ଷକତା
ଓଡ଼ିଆ ଭାଷାର ଉର୍ନ୍ନତି ପାଇଁ
ନୁଆଇଁ ନଥିଲ ନିଜର ମଥା ।

ପିଲାଦିନ ନାମ ବ୍ରଜ ମୋହନରୁ
ଫକୀର ମୋହନ ହୋଇଣ ଥିଲ
ସମାଜ, ସଂସ୍କାର, ସୁ ଲେଖକ
ଯୁଗଦ୍ରଷ୍ଟା କଥା ଭୁଲି ନପାରୁ ।

ଭୁଲି ପାରିବେନି କେହି କେବେ
ଅକ୍ଷୟ ତୁମ କିର୍ତ୍ତୀ ଓ କିରତୀ
ଯେତେଦିନ ଥିବେ ସୂର୍ଯ୍ୟ ଓ ଚନ୍ଦ୍ର
ରହିଥିବ ତୁମ ନାମ ଇତିହାସେ ।

ସମ୍ପାଦିକା 'ବଉଳଫୁଲ'
ଯାଜପୁର ରୋଡ଼, ଯାଜପୁର

The Anuswaar
Monthly e-Magazine
Vol - 1/Issue-VII
March -2026

# ଅନୁସ୍ୱାର

## ମାସିକ ଇ-ପତ୍ରିକା

ମାର୍ଚ୍ଚ-୨୦୨୬



ଲୋକ କବିରତ୍ନ ହଳଧର ନାଗ
ଜନ୍ମ : ୩୧ ମାର୍ଚ୍ଚ ୧୯୫୦

ସମ୍ପାଦନା : ସରୋଜ କୁମାର ଶତପଥୀ

Publisher :
Newtra Creations, Bhubaneswar

Contact Us : +91 9937128547 / Email : anuswaar.emagazine@gmail.com / Website : www.anuswaar.com